## ଘର ଭାଙ୍ଗିଲା ଦନ୍ତା

ଟାଙ୍ଗୀ(କଟକ)(ଡି.ଏନ୍.ଏ): ଟାଙ୍ଗୀ-ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତରେ ଗୁରୁବାର ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ଭଗତପୁର ମୁସଲମାନ ବସ୍ତିର ମହମ୍ମଦ ଖାନ୍‌ଙ୍କ ଘର ଭାଙ୍ଗି ଦେଇଥିବା ବନପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଡାଳିଯୋଡ଼ା ରେଞ୍ଜ ସଫା ସେକ୍ସନ ଅନ୍ତର୍ଗତ କାଳିଆମ୍ବା ଓ ପାଞ୍ଚଭାୟା ପାହାଡ଼ ତଥା ଜଙ୍ଗଲରେ ଥିବା ଉକ୍ତ ଦନ୍ତା ପ୍ରାୟ ସମୟ ଗ୍ରାମ ଭିତରିକୁ ଆସି ଘରଭାଙ୍ଗିବା ସହ ଧନଜୀବନ ନଷ୍ଟ କରୁଛି। ହାତୀକୁ ଘଉଡ଼ାଇବା ପାଇଁ ବନ କର୍ମଚାରୀ ନିୟୋଜିତ ଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ଖାଦ୍ୟ ଅନ୍ୱେଷଣରେ ହାତୀଟି ଗ୍ରାମକୁ ଆସୁଥିବା ବନପାଳ ଚନ୍ଦ୍ରଶେଖର ଦାଶ ସୂଚନା ଦେବାସହ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି।



# ବଗଲା ଜମି ବିକ୍ରିକୁ ନେଇ ଅସନ୍ତୋଷ ତେଜିଲା

ପୁରୀ ଅଫିସ, ୨୧।୮

ବଗଲା ଧର୍ମଶାଳା ଜମି ବିକ୍ରିକୁ ନେଇ ଅସନ୍ତୋଷ ଓ ବିବାଦ ତେଜିବାରେ ଲାଗିଛି। ବିଭିନ୍ନ ମହଲରେ ପ୍ରଶାସନର ପଦକ୍ଷେପକୁ ବିରୋଧ କରାଯାଉଛି। କାହିଁକି ଶାଗମାଛ ଦରରେ ଏହି ପୁରାତନ ଧର୍ମଶାଳାର ଜମି ବିକି ଦିଆଗଲା ତା'ର ଜବାବ ମାଗୁଛନ୍ତି ଭକ୍ତ। ଏ ନେଇ ଶୁକ୍ରବାର ପୁରୀ ସହରରେ ବିକ୍ଷୋଭ, ଧାରଣା ଆଦି କରାଯାଇଛି। ସେହିପରି ବଗଲା ଧର୍ମଶାଳାର ଅବଶିଷ୍ଟ ଜମି ବିକ୍ରି ଉପରେ ସ୍ଥିତାବସ୍ଥା ଜାରି ପାଇଁ ନିବେଦନ ଜଣାଇ ହାଇକୋର୍ଟରେ ମଧ୍ୟ ଏକ ମିସ୍ କେସ୍ ଦାଏର ହୋଇଛି।

ଶ୍ରୀମନ୍ଦିର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ବିସ୍ଥାପିତ ଲଜ୍ ମାଲିକଙ୍କୁ ବଗଲା ଧର୍ମଶାଳା ଜମି ବିକ୍ରି କରାଯାଇଛି। ୬ଜଣ ଲଜ୍ ମାଲିକଙ୍କୁ ୩୪୦ ଡେସିମିଲ ଜମି ଦିଆଯାଇଛି। ପ୍ରଶାସନର ଜମି ବିକ୍ରି ନିଷ୍ପତ୍ତି ନେଇ ପୁରୀ ଜିଲା ଭାଜପା ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ତୁରନ୍ତ ଜମି ବିକ୍ରିକୁ ବନ୍ଦ କରାଯିବା ସହ ବିକ୍ରି ହୋଇଥିବା ଜମିର ବିକ୍ରି କବଲା ରଦ୍ଦ କରିବା ଦାବିରେ ଶୁକ୍ରବାର ଭାଜପା ପକ୍ଷରୁ ବଗଲା ଧର୍ମଶାଳା ସମ୍ମୁଖରେ ଧାରଣା ଦିଆଯାଇଛି। ଏହାର ନେତୃତ୍ୱ ନେଇଥିବା ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି, ବଗଲା ଧର୍ମଶାଳାରେ ମାତ୍ର ୧୦୦ ଟଙ୍କାରେ ଧାର୍ମିକ, ସାଂସ୍କୃତିକ, ବିବାହ, ବ୍ରତଘର ଆଦି କରାଯାଇପାରୁଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଗରିବ ଯାତ୍ରୀ ୨୦ ଟଙ୍କାରେ ଦିନଟିଏ ଶ୍ରୀକ୍ଷେତ୍ରରେ ରହିପାରୁଥିଲା। ମାତ୍ର ସରକାର ଜିଲାପାଳଙ୍କ ମାଧ୍ୟମରେ ଏହି ଜମିର ମାଲିକାନା ରାଜସ୍ୱ ବିଭାଗ ନାଁକୁ ନେଇ ପ୍ଲଟିଂ କରି ବିକ୍ରି କରୁଛନ୍ତି। ଏହା ସମ୍ପୂର୍ଣ୍ଣ ବେଆଇନ ଓ ଜନସ୍ୱାର୍ଥ ବିରୋଧୀ। ସରକାର ଜମିକୁ ଯେଉଁ ବିଭାଗ ନାଁରେ କରନ୍ତୁ ନା କାହିଁକି ଏହି ସମ୍ପତ୍ତି ଜନସାଧାରଣଙ୍କର। ସରକାର ଯଦି କାହାକୁ ଜମି ଦେବାକୁ ଚାହୁଁଛନ୍ତି ଅନ୍ୟ କୌଣସି ଜାଗାରେ ଦେଇପାରନ୍ତି। ମାତ୍ର ଏହି ଧର୍ମଶାଳାକୁ ପୁନଃ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ପାଣ୍ଠିରୁ ୩କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ତେଣୁ ସରକାର ତାଙ୍କ ନିଷ୍ପତ୍ତି ପ୍ରତ୍ୟାହାର କରନ୍ତୁ ବୋଲି ବିଧାୟକ ଷଡ଼ଙ୍ଗୀ ଦାବି କରିଛନ୍ତି। ଏହି ଧାରଣାରେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଭାଜପା ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ପୂର୍ବତନ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ଯୁବନେତା ଜୟନ୍ତ ଦାଶ ପ୍ରମୁଖ ସାମିଲ ଥିଲେ।



ବଗଲା ଧର୍ମଶାଳା ସମ୍ମୁଖରେ ଭାଜପା ପକ୍ଷରୁ ଧାରଣା ଦିଆଯାଇଛି।

- ଜମି ବିକ୍ରି ବନ୍ଦ ଦାବିରେ ଭାଜପାର ଧାରଣା
- ସରକାର ନିଷ୍ପତ୍ତି ପ୍ରତ୍ୟାହାର କରନ୍ତୁ: ଜୟନ୍ତ
- ଚଞ୍ଚକତା ହୋଇଛି: ଜିଲା ଯୁବ ଆଇନଜୀବୀ ଫୋରମ୍

ସେହିପରି ପୁରୀ ଜିଲା ଯୁବ ଆଇନଜୀବୀ ଫୋରମ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଫୋରମ୍ ପକ୍ଷରୁ କୁହାଯାଇଛି ଯେ, କେବଳ ପୁରୀବାସୀ ନୁହନ୍ତି ଓଡ଼ିଶାବାସୀଙ୍କ ଭାବନା ସହିତ ଏହା ଜଡ଼ିତ। ସହରରେ ବହୁ ସରକାରୀ ଜାଗା ଥିବାବେଳେ ଚଞ୍ଚକତା କରି ପ୍ରଶାସନ ଏହାକୁ ବିକ୍ରି କରିଦେଇଛି। ଏ ପର୍ଯ୍ୟନ୍ତ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ବିସ୍ଥାପିତ ଗରିବ ଉଠାଦୋକାନୀଙ୍କୁ ଥଇଥାନ କରାଯାଇ ନାହିଁ। ଅନେକ ଦୋକାନ ମାଲିକଙ୍କୁ ଯେଉଁ ପ୍ରାପ୍ୟ ମିଳିବା କଥା ତାହା ମିଳିନାହିଁ। କିନ୍ତୁ ହାଇକୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ କିପରି ଲଜ୍ ମାଲିକମାନଙ୍କୁ ବଗଲା ଜମି ବିକ୍ରି କରାଗଲା ବୋଲି ଫୋରମ୍ ପ୍ରଶ୍ନ ଉଠାଇଛି। ଫୋରମ୍‌ର ଆବାହକ ଆଇନଜୀବୀ କାଳୀପ୍ରସାଦ ନାୟକଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ହୋଇଥିଲା। ଏଥିରେ ଓକିଲ ସଂଘର ପୂର୍ବତନ ସଭାପତି ପ୍ରେମାନନ୍ଦ ମହାନ୍ତି, ପୂର୍ବତନ ସମ୍ପାଦକ ଶାରଦା ସାମଲ, ବିଭୂତି ଶଙ୍କର ତ୍ରିପାଠୀ, ଶ୍ରୀକାନ୍ତ ପରିଜା, ସ୍ମୃତିରଞ୍ଜନ ପତି, ବିଶ୍ୱନାଥ ଦାସ, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ଅନିଲ ସାହୁ, ମାନସ ରଞ୍ଜନ ସାହୁ, ସଞ୍ଜୟ ରାଉତରାୟ ପ୍ରମୁଖ ସାମିଲ ଥିଲେ।

ସୂଚନାଥାଉ କି, ବଡ଼ଦାଣ୍ଡକୁ ଲାଗି ବଳଗଣ୍ଡି ମୌଜାର ଖାତା ନଂ. ୨୪୨ରେ ବଗଲା ଧର୍ମଶାଳା ରହିଛି। ୫ଟି ପ୍ଲଟ୍‌ରେ ୨ଏକର ୫୭୪ ଡେସିମିଲ ଜମି ରହିଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସୁଥିବା ତୀର୍ଥଯାତ୍ରୀଙ୍କ ନିମନ୍ତେ ବାବୁ କନ୍ହେୟାଲାଲ ବଗଲା ନାମକ ବ୍ୟକ୍ତି ୧୮୯୯ରେ ଏହି ଜମି ବେଙ୍ଗଲ ସରକାରଙ୍କଠାରୁ କିଣି ସେଠାରେ ଏକ ଧର୍ମଶାଳା ନିର୍ମାଣ କରିଥିଲେ। ୧୯୦୫ରେ ଏହି ଜମି ସମେତ ଧର୍ମଶାଳାକୁ ତତ୍କାଳୀନ ପୁରୀ ଜିଲାପାଳ ତଥା ଲଜିଂ ହାଉସ୍ ଫଣ୍ଡ ସଭାପତିଙ୍କୁ ଦାନ ଆକାରରେ ହସ୍ତାନ୍ତର କରିଥିଲେ। ପୁରୀ ଆସୁଥିବା ଗରିବ ଓ ମଧ୍ୟବିତ୍ତ ବ୍ୟକ୍ତିମାନେ ଖୁବ୍ କମ୍ ଟଙ୍କା କୋଠରି ଭଡ଼ା ଦେଇ ଏଠାରେ ରହିପାରୁଥିଲେ। ତେବେ ଧର୍ମଶାଳାର ଦୁଇଟି କୋଠା ମଧ୍ୟରୁ ପୁରୁଣା କୋଠାକୁ ପୁନଃ ନିର୍ମାଣ ପାଇଁ ୩ ବର୍ଷ ତଳେ ପ୍ରଶାସନ ଭାଙ୍ଗି ଦେଇଥିଲା। ସେଠାରେ ଶ୍ରୀଜଗନ୍ନାଥ ବିଶ୍ରାମସ୍ଥଳୀ ନିର୍ମାଣ ପାଇଁ ଭାରତୀୟ ପର୍ଯ୍ୟଟନ ଉନ୍ନୟନ ନିଗମ (ଆଇଟିଡିସି)କୁ ଦାୟିତ୍ୱ ଦିଆଯାଇଥିଲା। ସମ୍ପୃକ୍ତ ସଂସ୍ଥା କାମ କରୁଥିବାବେଳେ ହଠାତ୍ ଏହାକୁ ବନ୍ଦ କରାଯାଇଥିଲା। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ଉଚ୍ଛେଦ ଲଜ୍ ମାଲିକମାନଙ୍କୁ ୩୪୦ ଡେସିମିଲ ଜମି ବିକ୍ରି କରାଯାଇଥିବା ଜଣାପଡ଼ିଥିଲା।

### ହାଇକୋର୍ଟରେ ମିସ୍ କେସ୍ ଦାଏର

ପୂର୍ବରୁ ଏ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଖଲ କରିଥିବା ଜଗନ୍ନାଥ ବସ୍ତିଆ ଗୁରୁବାର ପୁଣି ଏକ ମିସ୍ କେସ୍ ଦାଏର କରିଛନ୍ତି। ବସ୍ତିଆ ଆବେଦନରେ ଦର୍ଶାଇଛନ୍ତି ଯେ, ଜନସ୍ୱାର୍ଥ ମାମଲା ବିଚାରାଧୀନ ଥିବାବେଳେ ବେଆଇନ ଭାବେ ୬ଜଣ ଲଜ୍ ମାଲିକଙ୍କୁ ଜମି ବିକ୍ରି କରାଯାଇଛି। ଜମି ବିକ୍ରି ସଂକ୍ରାନ୍ତରେ ସତ୍ୟପାଠ ସହ ସମ୍ପୂର୍ଣ୍ଣ ତଥ୍ୟ ମଧ୍ୟ ସେ ଦାଖଲ କରିଛନ୍ତି। ଅବଶିଷ୍ଟ ଜମି ଯେପରି ଆଉ ବିକ୍ରି କରା ନ ଯିବ ତାହା ଉପରେ ରହିତାଦେଶ ଏବଂ ସ୍ଥିତାବସ୍ଥା ବଜାୟ ରଖିବା ଲାଗି ବସ୍ତିଆ ମିସ୍‌କେସ୍ ମାଧ୍ୟମରେ ହାଇକୋର୍ଟଙ୍କୁ ନିବେଦନ କରିଛନ୍ତି।

## କରୋନା ଆକ୍ରାନ୍ତ ଝିଅକୁ ଛାଡ଼ି ପଳାଇଲେ ମା': ହସ୍ପିଟାଲରେ ଝିଅର ମୃତ୍ୟୁ

କଟକ ଅଫିସ, ୨୧।୮

କ୍ୟାନସର ଓ ପରେ କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଥିବା ଝିଅର ଖରାପ ଅବସ୍ଥା ଜାଣିପାରି ମା' ହସ୍ପିଟାଲ ଛାଡ଼ି ପଳାଇଥିଲେ। ସେ ମଧ୍ୟ କରୋନା ସଂକ୍ରମିତ ଥିଲେ। ଏଭଳି ପରିସ୍ଥିତିରେ ଶୁକ୍ରବାର ଅପରାହ୍ଣରେ କରୋନା ଆକ୍ରାନ୍ତ ଝିଅ ଜଣଙ୍କର ମୃତ୍ୟୁ ହୋଇଛି। ବର୍ତ୍ତମାନ ମୃତ ଝିଅ ପାଖରେ କେହି ସମ୍ପର୍କୀୟ ନାହାନ୍ତି। ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରେ ଘଟିଛି ଏଭଳି ଅଭାବନୀୟ ଘଟଣା ଘଟିଛି।

ସୂଚନା ଅନୁଯାୟୀ, ସମ୍ବଲପୁର ଜିଲାର ଜଣେ ମହିଳା କର୍କଟ ରୋଗରେ ଆକ୍ରାନ୍ତ ନିଜ ଝିଅର ଚିକିତ୍ସା ପାଇଁ ୧୨ ଦିନ ତଳେ ଆଚାର୍ଯ୍ୟ ହରିହର ପ୍ରତିଷ୍ଠାନକୁ ଆସିଥିଲେ। ଚିକିତ୍ସାଧୀନ ଥିବାବେଳେ ଉଭୟ ଝିଅ ଓ ମା' କରୋନା ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ଉଭୟଙ୍କୁ ହସ୍ପିଟାଲ ଧର୍ମଶାଳାରେ ଥିବା ଆଇସୋଲେଶନ ୱାର୍ଡରେ ରଖି ଚିକିତ୍ସା କରାଯାଉଥିଲା। ତେବେ ଝିଅର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆଶା କ୍ଷୀଣ ହେବା ପରେ ମାନସିକ ଭାବେ ଭାଙ୍ଗିପଡ଼ିଥିବା ତାଙ୍କ ମା' ଗୁରୁବାର ରାତି ପ୍ରାୟ ୧୦ଟା ବେଳେ ଆଇସୋଲେଶନ ୱାର୍ଡର ଝରକା ଭାଙ୍ଗି ପଳାଇଥିଲେ। ଏପଟେ ଶୁକ୍ରବାର ଝିଅର ମୃତ୍ୟୁ ହେବା ପରେ ପାଖରେ କେହି ସମ୍ପର୍କୀୟ ନ ଥିବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ମଙ୍ଗଳାବାଗ ଥାନାରେ ଜଣାଇଥିବା ଏହାର ନିର୍ଦ୍ଦେଶକ କହିଛନ୍ତି।

## ସଂକ୍ଷେପରେ

### ଚୁଆରୁ ମହିଳାଙ୍କ ମୃତଦେହ ଉଦ୍ଧାର

ନିରାକାରପୁର, ୨୧।୮ (ଡି.ଏନ୍.ଏ.): ନିରାକାରପୁର ଥାନା ଅନ୍ତର୍ଗତ ବୋଡ଼ଙ୍ଗରାପାଟଣା ଗ୍ରାମ ନିକଟ ଗଙ୍ଗା ଚୁଆରୁ ଶୁକ୍ରବାର ଅଗ୍ନିଶମ କର୍ମଚାରୀମାନେ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ମୃତା ହେଲେ ଏହି ଗ୍ରାମର ଲକ୍ଷ୍ମୀ ମହାରଣା(୩୫)। ସୂଚନା ଅନୁଯାୟୀ, ପ୍ରତିଦିନ ଭଳି ଲକ୍ଷ୍ମୀ ସକାଳ ପ୍ରାୟ ୯ଟାରେ ଏହି ଚୁଆକୁ ଗାଧୋଇବାକୁ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଚୁଆ ନିକଟରେ ଲକ୍ଷ୍ମୀଙ୍କ ଚପଲ ଥିବା ଦେଖି ଟାଙ୍ଗୀ ଅଗ୍ନିଶମ ସେବାକେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଓ ନିରାକାରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚୁଆରୁ ଲକ୍ଷ୍ମୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮/୨୦)ରୁଜୁକରି ତଦନ୍ତ ଚଳାଇଛି।

### କରୋନାକୁ ହରାଇ କାର୍ଯ୍ୟରେ ଯୋଗଦେଲେ ଏସ୍‌ପି

ଖୋର୍ଦ୍ଧା ଅଫିସ, ୨୧।୮: କରୋନାକୁ ହରାଇ ଖୋର୍ଦ୍ଧା ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁଙ୍କ ସହିତ ୫ ପୋଲିସ କର୍ମଚାରୀ ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଏସ୍‌ପି କେ.ସି. ଜେନା, ମାୟାଧର ସେଠୀ, ଡିଏସ୍‌ପି ସତୀଶ ପାଢୀ, ଡିଆଇବି ଡିଏସ୍‌ପି ଅତନୁ ରାଉତ, ଏସ୍‌ଡିପିଓ ସୁଶୀଲ ମିଶ୍ରଙ୍କ ସମେତ ଟାଉନ, ସଦର, ଜଙ୍କିଆ ଥାନାଧିକାରୀ ପ୍ରମୁଖ ଏସ୍‌ପି ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଏସ୍‌ପି ସ୍ୱାଇଁ କହିଛନ୍ତି, ଖୋର୍ଦ୍ଧା ପୋଲିସ ଜିଲାରେ ୫୯ଜଣ ଆକ୍ରାନ୍ତ ହୋଇଥିବା ବେଳେ ବହୁ ପୋଲିସ କର୍ମଚାରୀ ସୁସ୍ଥ ହୋଇ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଜଣଙ୍କର ମୃତ୍ୟୁ ଘଟିଛି ବୋଲି ସେ କହିଛନ୍ତି।

### ଅବସରପ୍ରାପ୍ତ ଅମିନ ଉଦ୍ଧାର, ଅଭିଯୁକ୍ତ ଗିରଫ

#### ବନ୍ଧୁକ ଜବତ

ବାଲିପାଟଣା, ୨୧।୮ (ଡି.ଏନ୍.ଏ.): ବଡ଼ଚଣା ଥାନା ଅଧୀନ କଡ଼େଇ ଛକରୁ ଅପହରଣ ହୋଇଥିବା ଅବସରପ୍ରାପ୍ତ ଅମିନ ଦାଶରଥି ନାୟକଙ୍କୁ ଗୁରୁବାର ରାତିରେ ପୋଲିସ ଉଦ୍ଧାର କରିଛି। ଏହି ଅପହରଣ ଘଟଣାରେ ସମ୍ପୃକ୍ତ ବାଲିପାଟଣା ଥାନା ଅନ୍ତର୍ଗତ ନୂଆସାହି ଗ୍ରାମର ସୁଶାନ୍ତ କୁମାର ପାତ୍ରଙ୍କୁ ପୋଲିସ ଗିରଫ କରିଛି। ଏହା ସହ ତାଙ୍କ ନିକଟରୁ ଏକ ବନ୍ଧୁକ ଜବତ ହୋଇଛି। ସୂଚନାଥାଉ କି, ଏକ ଜମି କିଣାବିକାକୁ ନେଇ ଗୁରୁବାର ସକାଳେ କଡ଼େଇ ଛକରୁ ଦାଶରଥିଙ୍କୁ ଅପହରଣ କରାଯାଇଥିଲା। ଏ ନେଇ ବଡ଼ଚଣା ଥାନାରେ ଏକ ମାମଲା (ନଂ.୨୫୧/୨୦) ରୁଜୁ ହୋଇଥିଲା। ବିଶେଷସୂତ୍ରରୁ ଖବରପାଇ ବଡ଼ଚଣା ପୋଲିସ ଗୁରୁବାର ରାତିରେ ବାଲିପାଟଣା ପୋଲିସ ସହାୟତାରେ ନୂଆସାହି ଗ୍ରାମରେ ଚଢ଼ାଉ କରିବା ସହ ଦାଶରଥିଙ୍କୁ ଉଦ୍ଧାର କରିଥିଲେ। ଏହା ସହିତ ଅଭିଯୁକ୍ତ ସୁଶାନ୍ତଙ୍କୁ ବଡ଼ଚଣା ଥାନାକୁ ନିଆଯାଇଛି।

## ଆମ୍ବୁଲାନ୍ସ ପାଇଁ ଅଧକିଲୋମିଟର ଚାଲିଲେ ଗର୍ଭବତୀ



ଗ୍ରାମରେ ବର୍ଷାପାଣି ଜମି ଥିବାରୁ ଗର୍ଭବତୀ ମହିଳା ଚାଲିଚାଲି ଆମ୍ବୁଲାନ୍ସ ନିକଟକୁ ଯାଉଛନ୍ତି।

ଚୌଦ୍ୱାର, ୨୧।୮ (ଡି.ଏନ୍.ଏ)

ଲଘୁଚାପ ବର୍ଷା ଯୋଗୁ ଟାଙ୍ଗୀ-ଚୌଦ୍ୱାର ବ୍ଲକର ବିଭିନ୍ନ ଅଞ୍ଚଳରେ ପାଣି ଜମି ରହିଥିବାରୁ ଲୋକଙ୍କ ସମସ୍ୟା ବଢ଼ିଯାଇଛି। ଫଳରେ ଲୋକେ ଘରୁ ବାହାରିପାରୁ ନ ଥିବାବେଳେ ରୋଗୀ ନେବା ପାଇଁ ଆମ୍ବୁଲାନ୍ସ ମଧ୍ୟ ସାହିଭିତରକୁ ପଶିପାରୁ ନାହିଁ। ଏହି ସମୟରେ ଗାଁକୁ ଆମ୍ବୁଲାନ୍ସ ନ ଯିବାରୁ ଜଣେ ଗର୍ଭବତୀଙ୍କୁ ପ୍ରାୟ ଅଧକିଲୋମିଟର ରାସ୍ତା ଚାଲିଚାଲି ଆସିବାକୁ ପଡିଥିଲା। ଏଭଳି ଘଟଣା ଶୁକ୍ରବାର ନପଙ୍ଗ ପଞ୍ଚାୟତର ବିରୋଳ ଗ୍ରାମରେ ଦେଖିବାକୁ ମିଳିଛି। ଗତ କିଛିଦିନ ଲଗାଣ ବର୍ଷା ଲାଗିରହିଥିବାରୁ ବିରୋଳ ଗ୍ରାମରେ ବର୍ଷା ଜଳ ଜମି ରହିଥିଲା। ଗ୍ରାମକୁ ପକ୍କା ରାସ୍ତା ନ ଥିବାରୁ ପାଣି ଜମିବା ସହ ଲୋକଙ୍କ ଘରେ ମଧ୍ୟ ପାଣି ପଶିରହିଥିଲା। ଯଦ୍ୱାରା ଲୋକମାନେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ବର୍ଷା ଜଳ ରହିବା ଦ୍ୱାରା ବିଭିନ୍ନ ଥଣ୍ଡା ରୋଗ ଓ ଚର୍ମ ରୋଗର ହେବାର ଗ୍ରାମବାସୀ ଆଶଙ୍କା କରିଛନ୍ତି। ତେବେ ଶୁକ୍ରବାର ବିରୋଳ ଗ୍ରାମର ଗୋପାଳ ସାହିର ରତ୍ନାକର ବେହେରାଙ୍କ ସ୍ତ୍ରୀ ବାସନ୍ତୀଙ୍କ ପ୍ରସବ ବେଦନା ହେବାରୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଗାଡ଼ି ଗ୍ରାମ ପର୍ଯ୍ୟନ୍ତ ଆସିଥିଲେ ମଧ୍ୟ ମୁଖ୍ୟରାସ୍ତାରେ ଅଟକି ଯାଇଥିଲା। ଗ୍ରାମ ଭିତରକୁ ଯିବା ପାଇଁ ବର୍ଷା ଜଳରେ ରାସ୍ତା ଭର୍ତ୍ତି ହୋଇଯାଇଥିବାରୁ ଡ୍ରାଇଭର ଗାଡ଼ି ଆଗକୁ ନେଇ ନ ଥିଲେ। ଫଳରେ ପରିବାର ଲୋକେ ବାସନ୍ତୀଙ୍କୁ ଆମ୍ବୁଲାନ୍ସ ପାଖକୁ ଯିବା ପାଇଁ ଅଧକିଲୋମିଟର ପର୍ଯ୍ୟନ୍ତ ଚାଲିଥିଲେ। ତେବେ ଏହି ଘଟଣାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଜଳ ନିଷ୍କାସନ ପାଇଁ ସାଧାରଣରେ ଦାବି କରିଛନ୍ତି। ଏଥିପାଇଁ ପ୍ରଶାସନ ନିକଟରେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଏଯାବତ୍ ନିଆଯାଇ ନ ଥିବା ଗ୍ରାମର ବାସନ୍ତୀ ଦାସ, ଶାନ୍ତିଲତା ଲେଙ୍କା, ମୋହନି ଚରଣ ଲେଙ୍କା, ପ୍ରଦୀପ ବେଉରା ପ୍ରମୁଖ କହିଛନ୍ତି। ଏ ନେଇ ସରପଞ୍ଚ ସନାତନ ସ୍ୱାଇଁ କହିଛନ୍ତି, ଏ ଅଞ୍ଚଳରେ ଜଳ ନିଷ୍କାସନ ପାଇଁ ଅର୍ଥ ଆସିଥିଲେ ମଧ୍ୟ କେତେଜଣ ଲୋକ ସରକାରୀ ଜମି ଉପରେ ଜବରଦଖଲରେ ରହୁଥିବାରୁ କାମ ହୋଇପାରୁ ନାହିଁ। ଏହି କଥା ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯିବ।

#### ଗାଁ ଭିତରେ ବର୍ଷାପାଣି

## କଟକରେ ଏରାଗୋଲା ଗ୍ୟାଙ୍ଗ୍‌ର ଦୌରାତ୍ମ୍ୟ

କଟକ ଅଫିସ, ୨୧।୮

କଟକରେ ଏରାଗୋଲା ଗ୍ୟାଙ୍ଗର ଲୁଟେରା ଉତ୍ପାତ ଆରମ୍ଭ କରିଛନ୍ତି। ଗଞ୍ଜାମ ଜିଲା କୋଦଳା ଅଞ୍ଚଳରେ ବେଶ୍ ସକ୍ରିୟ ଥିବା ଏହି ଗ୍ୟାଙ୍ଗର ସଦସ୍ୟ ଏବେ କଟକ ମୁହାଁ ହୋଇଛନ୍ତି। ଏହି ଗ୍ୟାଙ୍ଗର ଦୁଇ ସଦସ୍ୟଙ୍କୁ ମଙ୍ଗଳାବାଗ ଥାନା ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଗଞ୍ଜାମ ଜିଲା କୋଦଳା ଥାନାର ବାଳକୃଷ୍ଣ ପ୍ରଧାନ (୨୮) ଓ ଏ. ଅଜିତ (୨୧)। ଉଭୟଙ୍କଠାରୁ ୪୫ ହଜାର ଟଙ୍କା, ଲୁଟ୍‌ରେ ବ୍ୟବହୃତ ଯନ୍ତ୍ରାଂଶ, ବ୍ୟାଙ୍କ ପାସ୍‌ବୁକ୍, ୪ଟି ମୋବାଇଲ ଓ ଗୋଟିଏ ବାଇକ (ଓଡି୩୩ ଜେଡ୍ ୧୬୫୩) ଜବତ କରାଯାଇଛି। ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କ ବିଷୟରେ ଖୋଳତାଡ଼ ଆରମ୍ଭ ହୋଇଛି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୫ ତାରିଖରେ ଫ୍ରେଣ୍ଡସ କଲୋନୀର ମଞ୍ଜୁ ଦେଇ ଲୁଟ୍‌ର ଶିକାର ହୋଇଥିଲେ। ସେ ଏସ୍‌ସିବି ମେଡିକାଲର ଜଣେ ଅବସରପ୍ରାପ୍ତ ୪ର୍ଥ ଶ୍ରେଣୀ କର୍ମଚାରୀ। ଅବସର ପରେ ମିଳିଥିବା ଅର୍ଥରାଶିକୁ ମଙ୍ଗଳାବାଗ ଥାନା ଅନ୍ତର୍ଗତ ଏସ୍‌ବିଆଇ ଶାଖାରେ ଜମା ରଖିଥିଲେ। ଘଟଣା ଦିନ ଟଙ୍କା ଉଠାଇ ଫେରିବା ବେଳେ ସେ ଲୁଟ୍‌ର ଶିକାର ହୋଇଥିଲେ। ପରେ ସିସିଟିଭି କ୍ୟାମେରା ଫୁଟେଜକୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ମଞ୍ଜୁଙ୍କ ଏତଲା ଆଧାରରେ କେସ୍ ନଂ ୧୮୪/୨୦, ଆଇପିସିର ୩୯୨, ୩୪ ଦଫାରେ ମାମଲା ରୁଜୁ ହୋଇଥିଲା।

## ପୋଲିସ ଉପସ୍ଥିତିରେ ବୋମାମାଡ଼

ଖୋର୍ଦ୍ଧା ଅଫିସ, ୨୧।୮

ପୋଲିସ କର୍ମଚାରୀଙ୍କ ଉପସ୍ଥିତି ସତ୍ତ୍ୱେ ଖୋର୍ଦ୍ଧା ସଦର ଥାନା ଅଧୀନ ଦଳେଇପୁଟ ଗ୍ରାମର ହୃଦାନନ୍ଦ ସ୍ୱାଇଁଙ୍କ ଘର ଉପରକୁ ଗୁରୁବାର ରାତିରେ ପୁଣି ବୋମାମାଡ଼ ହୋଇଛି। ଏଥିରେ କେହି ଆହତ ହୋଇ ନ ଥିବା ବେଳେ ହୃଦାନନ୍ଦଙ୍କ ଝରକା, କବାଟ, ବାଲ୍‌କୋନି ଓ ଆସବାବପତ୍ର କ୍ଷତିଗ୍ରସ୍ତ ହୋଇଛି। ବୋମାମାଡ଼ର ସମସ୍ତ ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସୁତୁଲି, କ୍ଷତିଗ୍ରସ୍ତ ସାମଗ୍ରୀ ଜବତ କରିଛି। ହୃଦାନନ୍ଦଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ୩ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ସୂଚନାଥାଉ କି, ହୃଦାନନ୍ଦଙ୍କ ଘର ଉପରକୁ ପୂର୍ବରୁ ଗତ ୧୧ ଓ ୧୮ ତାରିଖରେ ବୋମାମାଡ଼ ହୋଇଥିଲା। ଏହା ପରେ ହୃଦାନନ୍ଦ ପରିବାରକୁ ସୁରକ୍ଷା ଯୋଗାଇଦେବା ପାଇଁ ୪ ପୋଲିସ କର୍ମଚାରୀଙ୍କୁ ନିୟୋଜିତ ହୋଇଥିଲେ। ଗୁରୁବାର ହୃଦାନନ୍ଦଙ୍କ ପରିବାର ଶୋଇଥିବା ବେଳେ ରାତି ୧ଟା ୩୦ରେ କେତେଜଣ ଦୁର୍ବୃତ୍ତ ୪ଟି ବୋମାମାଡ଼ କରି ଫେରାର ହୋଇଯାଇଥିଲେ। ପୋଲିସ ଉପସ୍ଥିତିରେ ଦୁର୍ବୃତ୍ତମାନେ କିପରି ବୋମାମାଡ଼ କରି ଫେରାର ହୋଇଯାଇଥିଲେ। ଏନେଇ ସଦର ଥାନାଧିକାରୀ ଅନିତା ସାହୁ କହିଛନ୍ତି, ଏହି ଘଟଣାରେ ପୂର୍ବରୁ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୩ଜଣଙ୍କୁ ଅଟକ ରଖାଯାଇଛି। ବର୍ଷା ହେବାରୁ ଡ୍ୟୁଟିରେ ଥିବା ପୋଲିସମାନେ ହୃଦାନନ୍ଦଙ୍କ ଘର ବାରଣ୍ଡାକୁ ପଳାଇଯାଇଥିଲେ। ଏହାର ସୁଯୋଗରେ ଦୁର୍ବୃତ୍ତମାନେ ବୋମାମାଡ଼ କରି ଫେରାର ହୋଇଯାଇଥିଲେ। ଏନେଇ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି, ପାରିବାରିକ ଶତ୍ରୁତା ଓ ଜାଗାବାଡ଼ିକୁ କେନ୍ଦ୍ରକରି ଏହି ଘଟଣା ଘଟିଛି। ଖୁବଶୀଘ୍ର ଏହି ଘଟଣାର ପର୍ଦ୍ଦାଫାଶ କରାଯିବ।

## କରମଳା ବଜାରରେ ବୋମାମାଡ଼

କଣାସ, ୨୧।୮ (ଡି.ଏନ.ଏ)

ଗଡ଼ିଶାଗୋଦା ଥାନା ଅଧୀନ କରମଳା ଗ୍ରାମର ବଜାରରେ ଗୁରୁବାର ରାତିରେ ପୂର୍ବ ଶତ୍ରୁତାରୁ ବୋମାମାଡ଼ ହୋଇଛି। ଖବରପାଇ ପୋଲିସ ପହଞ୍ଚି ୨ଟି ବୋମା ଓ ୨ ବାଇକ୍ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ କରମଳା ଗ୍ରାମର ସଜନୀ ସାହୁଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଏହି ଗ୍ରାମର ପଦ୍ମଚରଣ ବିଶ୍ୱାଳ ଓ ଉମ୍ବୁରଧରଙ୍କ ମଧ୍ୟରେ ଜମିବାଡି ବିବାଦ ରହିଥିଲା। ଗୁରୁବାର ରାତିରେ ପଦ୍ମଚରଣ ବଜାରକୁ ସାମଗ୍ରୀ କିଣିବାକୁ ଯାଇଥିଲେ। ଏହି ସମୟରେ ଉମ୍ବରୁଧରଙ୍କ ପୁଅ ସୁମନ୍ତ ଓ ୩ଜଣ ସହଯୋଗୀ ବାଇକ୍‌ରେ ଆସି ପଦ୍ମଚରଣଙ୍କ ଉପରକୁ ବୋମା ମାଡ଼ କରିଥିଲେ। ଏଥିରେ ପଦ୍ମଚରଣ ଓ କେତେଜଣ ଲୋକେ ଆହତ ହୋଇଥିଲେ। ଏ ନେଇ ଥାନାରେ ମାମଲା (ନଂ.୧୦୯/୨୦)ରୁଜୁ ହୋଇଛି।

## କୋଟିଏ ଟଙ୍କାର ଗଞ୍ଜେଇ ଜବତ: ୨ ଗିରଫ

ଭୁବନେଶ୍ୱର, ୨୧।୮ (ବ୍ୟୁରୋ)/ ଜୟପୁର (ଡି.ଏନ୍.ଏ.)

ବେଆଇନ ଗଞ୍ଜେଇ କାରବାରର ହଟ୍‌ସ୍ପଟ୍ ପାଲଟିଛି କୋରାପୁଟ ଜିଲା। ମାଫିଆମାନେ ସ୍ଥାନୀୟ ପୋଲିସ ଓ ଅସାମାଜିକ ଗୋଷ୍ଠୀକୁ ହାତକରି ଏଠାରେ ଗଞ୍ଜେଇ ଚାଷ କରିବା ସହ ରାଜ୍ୟ ବାହାରକୁ ଚୋରାରେ ଚାଲାଣ କରୁଛନ୍ତି। ଏହା ଉପରେ ରୋକ୍ ଲଗାଇବା ପାଇଁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ସ୍ୱତନ୍ତ୍ର ଅଭିଯାନ ଚଳାଇଛି। ମଙ୍ଗଳବାର କୋରାପୁଟର ବୋରିଗୁମ୍ମା ଥାନାଞ୍ଚଳରୁ ବିହାରକୁ ଚାଲାଣବେଳେ ଏସ୍‌ଟିଏଫ୍ ଟିମ୍ ପାଖାପାଖି ୫ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିଲା। ଶୁକ୍ରବାର ପୁଣି ଏହି ଜିଲାରୁ ୧ଟନ୍ ୪୬ କେଜି ଗଞ୍ଜେଇ ଜବତ ହୋଇଛି। ଏସ୍‌ଟିଏଫ୍ ଟିମ୍ ଜୟପୁର-ବୈପାରୀଗୁଡ଼ା ରାସ୍ତାରେ ଚଢ଼ାଉ କରି ଏକ ଟାଟା ଏସିଇ ଗାଡ଼ିରୁ ପ୍ରାୟ ୧ କୋଟି ଟଙ୍କାର ଜବତ କରିବା ସହ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଛି। ଡ୍ରାଇଭର ଜୟପୁର ଟାଉନ ଥାନା ଅଞ୍ଚଳର ସୁନ୍ଦରଲାଲ ନାଗ ଓ ସହଯୋଗୀ ତ୍ରିନାଥ କେଣ୍ଟୁ। ଏଥିସହ ଏସ୍‌ଟିଏଫ୍ ସେମାନଙ୍କଠାରୁ ମୋବାଇଲ୍ ଫୋନ୍, ଏଟିଏମ୍ କାର୍ଡ ଓ ଟଙ୍କା ଜବତ କରି ଛାନ୍‌ଭିନ୍ ଚଳାଇଛି। ପରେ ଦୁଇ ଅଭିଯୁକ୍ତଙ୍କୁ ଜୟପୁର ଥାନା ଜିମା ଦିଆଯାଇଛି। ଏନେଇ ପୋଲିସ ମାମଲା ନଂ.୨୧୯/୨୦ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଶନିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ସୂଚନା ମୁତାବକ, ଏକ ମାଲ୍‌ବାହୀ ଟାଟା ଏସିଇରେ ବିପୁଳ ପରିମାଣର ଗଞ୍ଜେଇ ଚୋରା ଚାଲାଣ ନେଇ ଗୋଇନ୍ଦା ଖବର ମିଳିଥିଲା। ଏସ୍‌ଟିଏଫ୍ ଟିମ ଜୟପୁର ବୈପାରୀଗୁଡା ରାସ୍ତାରେ ଛକି ରହି ଏହା ଉପରେ ନଜର ରଖିବା ସହ ଯାଞ୍ଚ ଆରମ୍ଭ କରିଥିଲା। ଏହି ସମୟରେ ଉକ୍ତ ଗଞ୍ଜେଇ ବୋଝେଇ ଟାଟା ଏସିଇ ଗାଡ଼ି ଧରାପଡିଥିଲା।

## ସଫଳତା ଦେଲା ନୂତନ ମିସୋନିକ୍ସ ଡିଭାଇସ୍

ଭୁବନେଶ୍ୱର, ୨୧।୮ (ବ୍ୟୁରୋ)





ପ୍ରାୟ ୧୫ ଦିନ ତଳେ ଦୁର୍ଘଟଣାରେ ମେରୁଦଣ୍ଡରେ ଗଭୀର ଆଘାତ ଯୋଗୁ ପଶ୍ଚିମବଙ୍ଗର ଜଣେ ୪୫ ବର୍ଷୀୟ ବ୍ୟକ୍ତି ପକ୍ଷାଘାତର ଶିକାର ହେବା ସହ ତାଙ୍କର ମଳ ଓ ମୂତ୍ର ପ୍ରକ୍ରିୟା ପ୍ରଭାବିତ ହୋଇଥିଲା। ଏଭଳି ଜଣେ ଜଟିଳ ରୋଗୀ ଭୁବନେଶ୍ୱରର କଳିଙ୍ଗ ହସ୍ପିଟାଲରେ ଭର୍ତ୍ତି ହେବା ପରେ ସେଠାକାର ମୁଖ୍ୟ ମେରୁଦଣ୍ଡ ଶଲ୍ୟ ବିଶେଷଜ୍ଞ ଡା. ସନାତନ ବେହେରା ତାଙ୍କର ସଫଳ ଅସ୍ତ୍ରୋପଚାର କରାଇଛନ୍ତି। ସେ ଏଥିପାଇଁ ପାରମ୍ପରିକ ପଦ୍ଧତି ବଦଳରେ ଏକ ନୂଆ ଡିଭାଇସ୍ ବ୍ୟବହାର କରି ଏଭଳି ବିରଳ ଅସ୍ତ୍ରୋପଚାରକୁ ସଫଳ ରୂପ ଦେଇଛନ୍ତି।

ସୂଚନା ଅନୁଯାୟୀ, ବେକରେ ଗଭୀର ଆଘାତ ଲାଗିବା କାରଣରୁ ଉକ୍ତ ବ୍ୟକ୍ତିଙ୍କ ଶରୀରର ଉପର ଓ ତଳଭାଗର ଅଙ୍ଗ ଅକାମୀ ହେବା ସହ ମଳ ଓ ମୂତ୍ର ପ୍ରକ୍ରିୟା ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। କେତେକ ପରୀକ୍ଷା ପରେ ଜଣାପଡ଼ିଥିଲା ଯେ ସମ୍ପୃକ୍ତ ବ୍ୟକ୍ତିଙ୍କ ମେରୁହାଡ଼ ଚାପିହୋଇ ଫୁଲିଯାଇଛି। ଏଭଳି ସ୍ଥିତିରେ ଏହାର ଚିକିତ୍ସା ଉପାୟ ଭାବେ ମେରୁହାଡ଼ ପଛଭାଗରୁ ଫୁଲିଥିବା ଅଂଶକୁ ଡ୍ରିଲ୍ ମେଶିନରେ କଟାଯାଏ, ଯାହା ଅତି ଜଟିଳ ଓ ସମୟସାପେକ୍ଷ। ମେରୁଦଣ୍ଡ ଆଘାତ ଚିକିତ୍ସା କ୍ଷେତ୍ରରେ ୨୧ ବର୍ଷର ଅଭିଜ୍ଞତା ରଖିଥିବା ଡା. ସନାତନ ବେହେରା ରୋଗୀଙ୍କ ଚିକିତ୍ସା ପାଇଁ ନୂଆ ଡିଭାଇସ୍ ବ୍ୟବହାର କରିଥିଲେ ଯାହାର ନାଁ ହେଉଛି ଅଲଟ୍ରାସୋନିକ ବୋନ୍ ସ୍କାଲ୍‌ପେଲ୍ (ମିସୋନିକ୍ସ)। ଫଳରେ ମାତ୍ର ୨୦ ମିନିଟ୍‌ରେ ଫୁଲିଥିବା ଅସ୍ଥି ଅଂଶକୁ ଅପସାରଣ କରାଯାଇପାରିଲା। ଡା. ସନାତନ ବେହେରା କେବଳ ଅସ୍ଥିରୋଗ କ୍ଷେତ୍ରରେ ନୁହେଁ, ବରଂ ମେରୁଦଣ୍ଡଜନିତ ରୋଗର ଅସ୍ତ୍ରୋପଚାର ପାଇଁ ଜଣେ ଦକ୍ଷ ଓ ତାଲିମପ୍ରାପ୍ତ ଶଲ୍ୟ ଚିକିତ୍ସକ। ଏଯାବତ୍ ସେ ମେରୁଦଣ୍ଡଜନିତ ୨୫ଶହରୁ ଅଧିକ ଅସ୍ତ୍ରୋପଚାର ସର୍ବାଧିକ ସଫଳତାର ସହ କରିସାରିଛନ୍ତି।

### କମ୍ ସମୟରେ ନିରାପଦ ଅସ୍ତ୍ରୋପଚାର

ମିସୋନିକ୍ସ ଡିଭାଇସ୍ ପୁରାତନ ପଦ୍ଧତି ଅପେକ୍ଷା ଖୁବ୍ କମ୍ ସମୟ ଭିତରେ କାମ କରିବା ସହ ଅସ୍ଥିକୁ ଆବଶ୍ୟକ ଓ ଉପଯୁକ୍ତ ଶୈଳୀରେ ଅପସାରିତ କରେ। ଏଥିରେ ଲିଗାମେଣ୍ଟ ବା ସ୍ନାୟୁବନ୍ଧନ ଭଳି ଆଭ୍ୟନ୍ତରୀଣ ନମନୀୟ କୋଷିକା କିମ୍ବା ମେରୁଦଣ୍ଡର କୌଣସି ପ୍ରକାର କ୍ଷତି ହୁଏନାହିଁ। ରକ୍ତସ୍ରାବ ଆଶଙ୍କାକୁ ମଧ୍ୟ ଏହା କମ୍ କରେ। ଗ୍ରୀବା ମେରୁହାଡ଼ (ବେକ), ପିଠି (ମଧ୍ୟ ମେରୁହାଡ଼) ଏବଂ ପିଠିର ନିମ୍ନଭାଗର କୌଣସି ଅସ୍ତ୍ରୋପଚାର ପାଇଁ ଏହା ସବୁଠାରୁ ନିରାପଦ ଅଟେ। ଏହି ଡିଭାଇସ୍ ବ୍ୟବହାର କରିବା କ୍ଷେତ୍ରରେ ଡା. ସନାତନ ବେହେରା ହେଉଛନ୍ତି ଓଡ଼ିଶାର ପ୍ରଥମ ଡାକ୍ତର। ଭାରତରେ ଏଭଳି ୪ଟି ମାତ୍ର ମେଶିନ ରହିଛି, ଯାହାକୁ ଦେଶର ହାତଗଣତି ସ୍ପାଇନ ସର୍ଜନ ବ୍ୟବହାର କରୁଛନ୍ତି।

## ବରିଷ୍ଠ ନାଗରିକ ସମାଜର ମାର୍ଗଦର୍ଶକ

ଖୋର୍ଦ୍ଧା ଅଫିସ,୨୧।୮: ନ୍ୟୁ ଥିଙ୍କିଙ୍ଗ ଫୋରମ ଏବଂ ୟୁଥ ଫର୍ ନେଶନ ଖୋର୍ଦ୍ଧା ଶାଖା ମିଳିତ ଆନୁକୂଲ୍ୟରେ ଶୁକ୍ରବାର ବରିଷ୍ଠ ନାଗରିକ ଦିବସ ଅନୁଷ୍ଠିତ ହୋଇଯାଇଛି। ପରିବାରରେ ବରିଷ୍ଠଙ୍କୁ ଅବହେଳା କରାଯାଉଛି। ଏମାନେ ସମାଜର ବୋଝ ନୁହନ୍ତି। ଏମାନେ ପରିବାରରେ କଳ୍ପବଟ ବୃକ୍ଷ ସଦୃଶ୍ୟ ଓ ସମାଜର ମାର୍ଗଦର୍ଶକ। ଏହି ଅବସରରେ ଶିକ୍ଷାବିତ୍ ବସନ୍ତ ସୁନ୍ଦରାୟ, ସାମାଜିକ କର୍ମୀ ରାମଚନ୍ଦ୍ର ପାଲଟାସିଂ, ପ୍ରଦୀପ ମହାପାତ୍ର, ସୁରେନ୍ଦ୍ର ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଫୋରମର ଆବାହକ ନରେନ୍ଦ୍ର ପୃଷ୍ଟି, ଅବନୀ ଜେନା, ମନୋଜ ପତି, ରମେଶ ରଣା,ବିସ୍ମୟ ସାମନ୍ତସିଂହାର, ସଞ୍ଜୀବ ପଟ୍ଟନାୟକ, ସନ୍ତୋଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଖୋର୍ଦ୍ଧା ଉପଖଣ୍ଡରେ ୨୩୭୪ ସଂକ୍ରମିତ

**ଖୋର୍ଦ୍ଧା ଅଫିସ,୨୧।୮:** ଖୋର୍ଦ୍ଧା ଉପଖଣ୍ଡରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ନିୟନ୍ତ୍ରଣାଧୀନ ରହିଛି। ୨୦ତାରିଖ ସୁଦ୍ଧା ଏହି ଉପଖଣ୍ଡରେ ୨୩୭୪ ଜଣ ସଂକ୍ରମିତ ହୋଇଥିବା ବେଳେ ୧୩ଶହ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୧୦୫୫ ଆକ୍ଟିଭ କେଶ ରହିଛି। ସେଥିରୁ ୪୧୨ଜଣ ହୋମ ଆଇସୋଲେଶନରେ ରହି ଚିକିତ୍ସିତ ହେଉଛନ୍ତି। ୧୯ଜଣଙ୍କ ମୃତ୍ୟୁ ଘଟିଥିବା ନେଇ ଖୋର୍ଦ୍ଧା ଉପଜିଲାପାଳ ଅଶୋକ ବେହୁରିଆ ଟୁଇଟ କରି ଜଣାଇଛନ୍ତି।

## ଖୋର୍ଦ୍ଧା: ୬୭ ପଜିଟିଭ୍ ଚିହ୍ନଟ

**ଖୋର୍ଦ୍ଧା ଅଫିସ,୨୧।୮:** ଖୋର୍ଦ୍ଧା ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ଜିଲା(ବିଏମ୍‌ସିକୁ ବାଦ୍ ଦେଇ)ରେ ୬୭ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ବାଣପୁର ୫, ବାଲୁଗାଁ ୨, ଟାଙ୍ଗୀ ୭, ବେଗୁନିଆ ୬, ବୋଲଗଡ଼ ୧୩, ଜଟଣୀ ୩, ମେଣ୍ଢାଶାଳ ୨, ବାଲକାଟୀ ୧୯, ବାଲିପାଟଣା ୭ ଓ ଜିଲା ମୁଖ୍ୟ ଚିକିତ୍ସାଳୟର ୩ଜଣ ରହିଛନ୍ତି। ଅନ୍ୟପଟେ ବାଣପୁର, ବାଲୁଗାଁ ଓ ଟାଙ୍ଗୀ ଅଞ୍ଚଳରୁ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇଛି।

## ପୁରୀରୁ ୮୭ ପଜିଟିଭ ଚିହ୍ନଟ

**ପୁରୀ ଅଫିସ,୨୧।୮:** ପୁରୀ ଜିଲାରେ ଶୁକ୍ରବାର ୮୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୂଆ ସଂକ୍ରମିତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୨,୩୨୬ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୧,୩୮୬ଜଣ ସୁସ୍ଥ ହୋଇଥିବା ବେଳେ ୯୨୭ ଜଣ ଚିକିତ୍ସାଧୀନ ଅଛନ୍ତି । କରୋନାରେ ଜିଲାର ୧୦ ଜଣଙ୍କ ମୃତ୍ୟୁ ଘଟିଛି । ତେବେ ବର୍ତ୍ତମାନ ସୁଦ୍ଧା ଜିଲାରୁ ୪୭,୩୨୭ ଜଣଙ୍କ କରୋନା ଟେଷ୍ଟ କରାଯାଇଥିବା ବେଳେ ୨,୩୨୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସୁସ୍ଥ ହାର ରହିଛି ୫୯.୫୮ ପ୍ରତିଶତ। ଏବେ ଜିଲାରେ ୪୪ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ରହିଥିବା ବେଳେ ୧୬୧ଟିକୁ ବନ୍ଦ କରାଯାଇଛି। କଣାସ ବ୍ଲକରେ ସର୍ବାଧିକ ୧୩ଟି କଣ୍ଟେନମେଣ୍ଟ ଜୋନ ରହିଛି ।

## ରାଧାଦାମୋଦରପୁର ୭୨ ଘଣ୍ଟା ଶଟ୍‌ଡାଉନ

**ଖୁଣ୍ଟୁଣୀ,୨୧।୮(ଡି.ଏନ.ଏ.):** ଖୁଣ୍ଟୁଣୀ ଥାନା ଅଧୀନ ରାଧାକିଶୋରପୁର ପଞ୍ଚାୟତର ରାଧାଦାମୋଦରପୁର ରାଜସ୍ୱ ଗ୍ରାମରେ ଗୁରୁବାର ଜଣେ ବ୍ୟକ୍ତି କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ତେଣୁ ଲୋକଙ୍କ ସୁରକ୍ଷା ନେଇ ସରପଞ୍ଚ ଭୁବନେଶ୍ୱର ସ୍ୱାଇଁ ଶୁକ୍ରବାର ଗ୍ରାମକୁ ୭୨ଘଣ୍ଟା ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହା ୨୧ ତାରିଖ ସନ୍ଧ୍ୟା ୬ଟା ଠାରୁ ୨୪ ତାରିଖ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ନିୟମ ବଳବତ୍ତର ରହିବ। ଚିହ୍ନଟ ବ୍ୟକ୍ତି ଜଣକ ବ୍ୟାଙ୍କ ଅଧିକାରୀ ଥିବାବେଳେ କଣ୍ଟାକ୍ଟ ଟ୍ରେସିଂ କରାଯିବ।

# ମଣ୍ଡପ ମନା, ଘରେ ଗଜାନନଙ୍କ ପୂଜା

**ଆଜି ଗଣେଶ ଚତୁର୍ଥୀ**

**କଟକ ଅଫିସ,୨୧।୮**

ଆଡ଼ମ୍ବର ପାଇଁ ପ୍ରସ୍ତୁତି ନାହିଁ। ମଣ୍ଡପ ବି ଖାଲି ପଡ଼ିଛି। କୌଣସି ସାର୍ବଜନୀନ ସ୍ଥାନରେ ମେଢ଼ କି ତୋରଣ ଲାଗିନି। ଶନିବାର ଗଣେଶ ଚତୁର୍ଥୀରେ ଏଥର କେବଳ ଘରେ ହିଁ ବିଘ୍ନ ବିନାଶକ ପୂଜା ପାଇବେ। କରୋନାଜନିତ କଟକଣା ଯୋଗୁ କୌଣସି ମଣ୍ଡପରେ ପୂଜା ଆୟୋଜନ ହେଉନାହିଁ। କୌଣସି ସ୍ଥାନରେ ପୂଜାକୁ ନେଇ ଭିଡ଼ ହେଲେ, କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି।

ଗଣେଶ ପୂଜା ବନ୍ଦକୁ ନେଇ ବକ୍ସିବଜାରସ୍ଥିତ ବୁଢ଼ା ଗଣେଶ ପୂଜା କମିଟି ସଭାପତି ଶିବେନ୍ଦ୍ରକୁମାର ହାତୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କରୋନା ସ୍ଥିତିକୁ ଦେଖି ଜିଲା ପ୍ରଶାସନ ଏ ଦିଗରେ ନିଷ୍ପତ୍ତି ନେବେ ବୋଲି ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା। ବୁଢ଼ା ଗଣେଶ ପୂଜା କମିଟି ହେଉଛି ୬୦୦ବର୍ଷ ତଳର। ତେଣୁ ଶିବେନ୍ଦ୍ର ଶୁକ୍ରବାର ଜିଲାପାଳଙ୍କୁ ଭେଟିବା ପାଇଁ ତାଙ୍କ କାର୍ଯ୍ୟାଳୟକୁ ଯାଇଥିଲେ ମଧ୍ୟ ସାକ୍ଷାତ ହୋଇପାରି ନ ଥିଲା। ଡିସିପି ପ୍ରତୀକ ସିଂଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟିବାରୁ ସେ କହିଥିଲେ, ଏବେକାର ସ୍ଥିତିରେ ପୂଜା କୌଣସି ମତେ ହୋଇପାରିବ ନାହିଁ। ଗଣେଶ ପୂଜାକୁ ନେଇ ଯେଉଁ ଗାଇଡଲାଇନ ପ୍ରସ୍ତୁତ ହୋଇଛି, ତାହା କଟକ ମହାନଗର ଶାନ୍ତି କମିଟି, ପୂର୍ବାଞ୍ଚଳ ଶାନ୍ତି କମିଟି ଓ କଟକ ମହାନଗର ପୂଜା କମିଟିର କର୍ମକର୍ତ୍ତାଙ୍କ ଉପସ୍ଥିତିରେ କରାଯାଇଛି। ସେଥିରେ ସାର୍ବଜନୀନ ସ୍ଥାନରେ ପୂଜା ହୋଇପାରିବ ନାହିଁ ବୋଲି ଉଲ୍ଲେଖ ରହିଛି।

### ୧୫୦୦ ପୂଜା କ୍ଲବ ନିରାଶ

କଟକରେ ପ୍ରାୟ ୧୫୦୦ ପଞ୍ଜୀକୃତ ଗଣେଶ ପୂଜା କ୍ଲବ ରହିଛି। ଗୋଟିଏ ସର୍ବପୁରାତନ ବୁଢ଼ା ଗଣେଶ ପୂଜା କମିଟି ଥିବାବେଳେ ଆଉ ୧୭ଟି ମଧ୍ୟ ଏହି ତାଲିକାରେ ଅଛନ୍ତି। ବୁଢ଼ା ଗଣେଶ ପୂଜା କମିଟିରେ ଥିବା ୧୭ଟି ଅନୁଷ୍ଠାନର ଗଣେଶ ବିସର୍ଜନ ଓ ଭସାଣ କାର୍ଯ୍ୟକ୍ରମ ସବୁଠାରୁ ଶେଷରେ କରାଯାଏ। ଦ୍ୱିତୀୟା ଘାଣ୍ଟ ଖାଇ ସାରି ଏଠାକାର ବିଗ୍ରହ ବିସର୍ଜିତ ହେଉଥିବାରୁ ଏହାକୁ ଘାଣ୍ଟଖିଆ ଗଣେଶ ମଧ୍ୟ କୁହାଯାଏ।

### ଆଜି ପଡ଼ିଥାନ୍ତା ତୋରଣର ନିଅଁ

ପ୍ରସିଦ୍ଧ କଟକ ଦଶହରା ପାଇଁ ଗଣେଶ ପୂଜା ତଥା ଗଣେଶ ଚତୁର୍ଥୀ ହେଉଛି ଏକ ସ୍ୱତନ୍ତ୍ର ତିଥି। ଏହିଦିନ ହିଁ ବିଭିନ୍ନ ପୂଜା କମିଟି ତୋରଣ ପାଇଁ ନିଅଁ ପକାନ୍ତି। ଚାନ୍ଦିମେଢ଼ ସାଙ୍ଗକୁ ଆକର୍ଷଣୀୟ ତୋରଣ କଟକର ପାର୍ବଣକୁ ଆହୁରି ମନୋହର କରେ। ମାତ୍ର ଚଳିତବର୍ଷ କୌଣସି ପୂଜା କମିଟି ନିଅଁ ପକାଇବା ପାଇଁ ପ୍ରସ୍ତୁତ ହୋଇ ନାହାନ୍ତି। ଏଯାଏ ଦଶହରା ଆୟୋଜନ ପାଇଁ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ମଧ୍ୟ ହୋଇନାହିଁ।



ଗଣେଶ ଚତୁର୍ଥୀ ଉପଲକ୍ଷେ ପୁରୀ ବେଳାଭୂମିରେ ଶୁକ୍ରବାର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

## ଚୋରି ବସ୍ ଦୁର୍ଘଟଣାଗ୍ରସ୍ତ

**କଟକ ଅଫିସ,୨୧।୮**

ଭୁବନେଶ୍ୱରସ୍ଥିତ ବରମୁଣ୍ଡା ବସଷ୍ଟାଣ୍ଡରୁ ବସ୍‌ଟି ରାତି ପ୍ରାୟ ୯ଟା ବେଳେ ଚୋରି ହେଲା। ଖବର ପାଇ ଶହୀଦନଗର ଥାନା, ସଦରଥାନା ପକ୍ଷରୁ କଟକ-ଭୁବନେଶ୍ୱର ମୁଖ୍ୟ ରାସ୍ତାରେ ପିସିଆର ଭ୍ୟାନ ଜଗି ରହିଥିଲା। ହେଲେ ଦ୍ରୁତ ଗତିରେ ଆସୁଥିବା ବସ୍‌ଟି ସମସ୍ତଙ୍କୁ ଟପି କଟକ ସହର ଅତିକ୍ରମ କରୁଥିବା ବେଳେ ଓଏମ୍‌ପି ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଶୁକ୍ରବାର ଏଭଳି ଘଟିଛି। ଚାଉଳିଆଗଞ୍ଜ ଥାନାଧିକାରୀ ତାପସ ପ୍ରଧାନଙ୍କ ସୂଚନା ମୁତାବକ, ଆର୍ଯ୍ୟନ ବସ୍ (ଡବ୍ଲ୍ୟୁବି-୧୦-ଜି-୧୦୨୧) ପ୍ରାୟତଃ ବାଲେଶ୍ୱରରୁ ଭୁବନେଶ୍ୱରକୁ ଯାଏ। ବସ୍‌ଟି ବରମୁଣ୍ଡା ବସଷ୍ଟାଣ୍ଡରେ ରହିଥିଲା। ସନ୍ଧ୍ୟାରେ ବସ୍‌ଟି ଚୋରି ହୋଇଛି ଓ କଟକ ଅଭିମୁଖେ ଯାଇଛି ବୋଲି ଫୋନ କଲ ଆସିଲା। ବସ୍‌କୁ ଅଟକାଇବା ପାଇଁ ଦୁଇଟି ପିସିଆର ଭ୍ୟାନ ମୁଖ୍ୟ ରାସ୍ତାରେ ଜଗି ରହିଥିଲେ। ହେଲେ ଚୋରି ଅଭିଯୁକ୍ତ ଜଣଙ୍କ ଭାରସାମ୍ୟ ହରାଇ ଓଏମପି ନିକଟରେ ବ୍ୟାରିକେଡରେ ଗାଡ଼ିକୁ ଧକ୍କା କରିଥିଲେ। ଅଭିଯୁକ୍ତଙ୍କୁ କାବୁ କରି ଘଟଣାର ତଦନ୍ତ ଆରମ୍ଭ ହୋଇଛି ବୋଲି ଥାନାଧିକାରୀ ତାପସ ସୂଚନା ଦେଇଛନ୍ତି।

## ବୋଲଗଡ଼ ବ୍ଲକ କାର୍ଯ୍ୟାଳୟ ସହ ପଞ୍ଚାୟତ ଶଟ୍‌ଡାଉନ

**ବୋଲଗଡ଼,୨୧।୮(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଞ୍ଚଳରେ ଶୁକ୍ରବାର ୧୩ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ବ୍ଲକ କାର୍ଯ୍ୟାଳୟର ଜଣେ କର୍ମଚାରୀ ପଜିଟିଭ୍ ଚିହ୍ନଟ ପରେ ବିଡିଓଙ୍କ ଦାୟିତ୍ୱରେ ଥିବା ତହସିଲଦାର ମୋନାଲିସା ପଣ୍ଡା କାର୍ଯ୍ୟାଳୟକୁ ୪ ଦିନ ଲାଗି ଶଟ୍‌ଡାଉନ କରିଛନ୍ତି। ବୋଲଗଡ଼ ପଞ୍ଚାୟତ ଅଞ୍ଚଳରେ ୯ଜଣ ପଜିଟିଭ୍ ଚିହ୍ନଟ ପରେ ସରପଞ୍ଚ ବବିତା ସାହୁ ଜିଲାପାଳଙ୍କ କ୍ଷମତା ପ୍ରୟୋଗ କରି ଉକ୍ତ ପଞ୍ଚାୟତକୁ ୪ଦିନ ପର୍ଯ୍ୟନ୍ତ ଶଟ୍‌ଡାଉନ କରିଛନ୍ତି। ଶୁକ୍ରବାର ସନ୍ଧ୍ୟା ୫ରୁ ଆସନ୍ତା ମଙ୍ଗଳବାର ସନ୍ଧ୍ୟା ୫ ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିବ ବୋଲି ସରପଞ୍ଚ ସାହୁ କହିଛନ୍ତି।



## ସିଡ୍ ବଲ୍‌ରେ ବିଘ୍ନ ବିନାଶକ

**ପୁରୁଣା ଭୁବନେଶ୍ୱର,୨୧।୮(ଡି.ଏନ୍.ଏ.)**

ପୂଜା ପାର୍ବଣ ଓ ଜାତୀୟ ଦିବସରେ ପରିବେଶ ସଂରକ୍ଷଣର ବାର୍ତ୍ତା ଦେଇ ଲୋକଙ୍କ ନିକଟରେ ପହଞ୍ଚିଥାନ୍ତି ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ। ଜନସାଧାରଣଙ୍କୁ କିଭଳି ପ୍ରକୃତି ପ୍ରେମର ବାର୍ତ୍ତା ଦିଆଯିବ ସେ ନେଇ ପୋଖରୀପୁଟ ଅଞ୍ଚଳରେ ରହୁଥିବା ସୁଶାନ୍ତ ବିହନ ପେଣ୍ଡୁ (ସିଡ୍‌ବଲ୍)ରେ ବିଘ୍ନ ବିନାଶକଙ୍କ ମୂର୍ତ୍ତି ତିଆରି କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ମୂର୍ତ୍ତିରେ ଏକାଧିକ ବିହନ ପିଣ୍ଡୁଳା ରହିଥିବା ବେଳେ ଉପରେ ମାଟି ଓ ଗୋବର ଖତ ସହିତ ମଞ୍ଜି ରହିଛି। ଏଥିରେ ପ୍ଲାଷ୍ଟିକ୍, ପଲିଥିନ୍ କିମ୍ବା ରାସାୟନିକ ରଙ୍ଗର ବ୍ୟବହାର ହୋଇନାହିଁ। ପୂଜା ପରେ ଏହି ମୂର୍ତ୍ତିକୁ ବିସର୍ଜନ କରିବା ପରିବର୍ତ୍ତେ ଏହାକୁ ପୋତିଲେ ସେଥିରୁ ଗଛ ଉଠିବା ସହ ପରିବେଶକୁ ସବୁଜ ସୁନ୍ଦର କରିବାରେ ସହାୟକ ହୋଇପାରିବ। ବନୀକରଣର ପ୍ରଭାବୀ ପ୍ରକ୍ରିୟା ବାବଦରେ ଛାତ୍ରୀଛାତ୍ରମାନେ ଶିକ୍ଷାଲାଭ କରିବା ସହ ବନୀକରଣର ଦ୍ୱୈତ ଉଦ୍ଦେଶ୍ୟ ସାଧିତ ହୋଇପାରିବ ବୋଲି ସୁଶାନ୍ତ କହିଛନ୍ତି।

## ଡକାୟତି ଯୋଜନା ପଣ୍ଡ, ୫ ଗିରଫ

**ସାକ୍ଷୀଗୋପାଳ, ୨୧।୮ (ସ୍ୱ.ପ୍ର./ଡି.ଏନ.ଏ.)**

ପୁରୀ ଜିଲା ସତ୍ୟବାଦୀ ଥାନା କାଦୁଆ ପେଟ୍ରୋଲ ପମ୍ପ ନିକଟରେ ଡକାୟତି ପାଇଁ ଯୋଜନା କରୁଥିବା ୫ଜଣ ଯୁବକଙ୍କୁ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ନରେନ୍ଦ୍ରକୋଣ ଅଞ୍ଚଳର ସେକ୍ ଫକିର ଓ ଭବାନୀ ଶଙ୍କର ଦାସ, କୁମ୍ଭାରପଡ଼ା ଥାନା ଅଧୀନ ସୁଦର୍ଶନ ନଗରର ଶିବ ଦାଶ, ଟାଉନ ଥାନା ଅଧୀନ ଚୁଡ଼ଙ୍ଗ ସାହିର ବିଷ୍ଣୁ ଦାସ ଓ ରାମଚଣ୍ଡୀ ଥାନା ଅଞ୍ଚଳର ସୁବ୍ରତ ଗୋଛାୟତ ଭୂୟାଁ। ସେମାନଙ୍କଠାରୁ ଗୋଟିଏ ବନ୍ଧୁକ, କଟୁରି ଓ ଲଙ୍କା ଗୁଣ୍ଡ ପ୍ୟାକେଟ ଜବତ କରାଯାଇଛି। ଏ ନେଇ ପୋଲିସ ନଂ. ୨୮୮/୨୦ ରେ ମାମଲା ରୁଜୁ କରିଛି। ମହିଳା ଏସ୍‌ଆଇ ଏସ. ପି. ନନ୍ଦ ଗୁରୁବାର ରାତିରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ସତ୍ୟବାଦୀ ତହସିଲ ପାଖ ତଳପାଟଣା ମଶାଣି ନିକଟରେ ଏହି ୫ଜଣ ସନ୍ଦେହଜନକ ଅବସ୍ଥାରେ ଥିବା ଦେଖି ଆଇଆଇସି ଦେବୀ ପ୍ରସାଦ ପାତ୍ରଙ୍କୁ ସୂଚନା ଦେଇଥିଲେ। ପରେ ସେଠାରେ ମିଳିତ ଚଢ଼ାଉ କରି ପୋଲିସ ସେମାନଙ୍କୁ ଗିରଫ କରିଥିଲେ।

## କରୋନାରେ ଫାର୍ମାସିଷ୍ଟଙ୍କ ମୃତ୍ୟୁ

**ଜଗନ୍ନାଥପ୍ରସାଦ,୨୧।୮(ଡି.ଏନ.ଏ)**

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଅଧୀନ ବରଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ ସୁରେଶ ଚନ୍ଦ୍ର ବିଶୋଇଙ୍କ ଗୁରୁବାର କରୋନାରେ ମୃତ୍ୟୁ ଘଟିଛି। ଶୁକ୍ରବାର ଭଞ୍ଜନଗରଠାରେ କରୋନା ଯୋଦ୍ଧା ସୁରେଶଙ୍କୁ ପ୍ରଶାସନ ଓ ପୋଲିସ ପକ୍ଷରୁ ଗାର୍ଡ ଅଫ ଅନର୍ ଦିଆଯାଇଛି। ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଏସ୍‌ଡିଏମଓ ସୀତାଂଶୁ ଶତପଥୀ ଓ ଜଗନ୍ନାଥପ୍ରସାଦ ମେଡିକାଲ ଅଧିକାରୀ ଦାଶ କିରଣ କୁମାର ସ୍ଥିତିଙ୍କ ଉପସ୍ଥିତିରେ ଉପଖଣ୍ଡ ମେଡିକାଲରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ବରଗାଁ ଓ ଜଗନ୍ନାଥପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ସ୍ମୃତିସଭା ହୋଇଥିଲା।

## ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

**ଜେସିବି ଲଗାଇ ଆଦିବାସୀଙ୍କ ଆବାସ ଘର ଭାଙ୍ଗିବା ମାମଲା**

**ଭୁବନେଶ୍ୱର, ୨୧।୮(ବ୍ୟୁରୋ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ସାଲେଭଟା ଗ୍ରାମର ୫ ଆଦିବାସୀ ଓ ଦଳିତ ପରିବାରର ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଆବାସ ଘରକୁ ଜେସିବି ଲଗାଇ ଭାଙ୍ଗି ଦିଆଯାଇଥିଲା। ଏ ସଂକ୍ରାନ୍ତ ଏକ ମାମଲାର ଶୁଣାଣି କରି ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ମାଗିଛନ୍ତି। କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ ୮ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ସାଲେଭଟା ଗ୍ରାମର ୧୧ ଭୂମିହୀନ ଆଦିବାସୀ ଓ ଦଳିତ ପରିବାରକୁ ପଞ୍ଚାୟତ ସମିତ ପକ୍ଷରୁ ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ଦିଆଯାଇଥିଲା। ସାଲେଭେଟା ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆର୍‌ଏସ୍ ଓ ସ୍ଥାନୀୟ ଆର୍‌ଆଇ ସ୍ଥାନୀୟ ଗାଇଖାଇସ୍ଥିତ ଗିରିଗୋବର୍ଦ୍ଧନ ପୂଜାସ୍ଥଳ ନିକଟରେ ଜମି ଚିହ୍ନଟ କରିବା ପରେ ସେଠାରେ ଗୃହ ନିର୍ମାଣ ଚାଲିଥିଲା। ହେଲେ ଗତ ୧୧ ତାରିଖ ସକାଳେ ଜିଲା ପ୍ରଶାସନର ବିନା ନିର୍ଦ୍ଦେଶରେ ଜିଲାପାଳ କ୍ଷମତା ଦେଖାଇ ସ୍ଥାନୀୟ ସରପଞ୍ଚ ଓ ସହଯୋଗୀମାନେ ଜେସିବି ଲଗାଇ ଘର ଭାଙ୍ଗି ଦେଇଥିଲେ। ଏହି ମାମଲାରେ ସରପଞ୍ଚ ହେମକାନ୍ତି ମୁଣ୍ଡା ଓ ତାଙ୍କ ସ୍ୱାମୀ ମୋହନ ମୁଣ୍ଡାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଏହି ଘଟଣାକୁ ନେଇ ମାନବିକ ଅଧିକାର କର୍ମୀ ହିମାଂଶୁ ଶେଖର ନାୟକ ଗତ ୧୯ ତାରିଖରେ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଥିଲେ। କ୍ଷତିଗ୍ରସ୍ତ ପରିବାରକୁ ୮ ଲକ୍ଷ ଲେଖାଏ ଟଙ୍କା ଦେବା ସହ ୧୦ ଡିସିମିଲ୍ ଜମି ଏବଂ ଘର କରିବାକୁ ସମସ୍ତ ସାମଗ୍ରୀ ଯୋଗାଇ ଦେବା ପାଇଁ ସେ ଦାବି କରିଥିଲେ।

# ଶ୍ରୀମନ୍ଦିରରେ ଅନ୍ଧ ଲୀଳା ନୀତି ସମ୍ପନ୍ନ

**ପୁରୀ ଅଫିସ,୨୧।୮**

ଶ୍ରୀମନ୍ଦିରରେ ଚାଲିଥିବା ଶ୍ରୀକୃଷ୍ଣ ଲୀଳାରେ ଶୁକ୍ରବାର ଭାଦ୍ରବ ଶୁକ୍ଳ ତୃତୀୟା ତିଥିରେ ଅନ୍ଧ ଲୀଳା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁ ଶ୍ରୀକୃଷ୍ଣ ଦୃଷ୍ଟିହୀନ ଭକ୍ତର ଭକ୍ତିରେ ସନ୍ତୁଷ୍ଟ ହୋଇ ଚକ୍ଷୁଦାନ କରିଥିବାବେଳେ ଏକ ପରାକ୍ରମୀ ଉନ୍ମତ୍ତ ହାତୀକୁ ବିନାଶ କରିଛନ୍ତି। ଶ୍ରୀମନ୍ଦିରରେ ସନ୍ଧ୍ୟା ଆଳତି ବଢ଼ିବା ପରେ ଦକ୍ଷିଣୀ ଘରୁ ରାମ କୃଷ୍ଣ ରତ୍ନସିଂହାସନକୁ ଆସି ଆଜ୍ଞାମାଳ ପାଇ ବଟମୂଳ ପାଲିଙ୍କିରେ ବିଜେ କରିଥିଲେ। ପରେ ସିଂହଦ୍ୱାର ନିକଟ ବଡ଼ଛତା ମଠ ସମ୍ମୁଖ ଖଟ ଉପରେ ପାଲିଙ୍କି ସହିତ ବିଜେ ହୋଇଥିଲେ। ସେଠାରେ ଅନ୍ଧ ମନ୍ଦର ହସ୍ତୀ ଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ଏହାପରେ ଶୀତଳ ଭୋଗ ବନ୍ଦାପନା ହୋଇ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ବୃନ୍ଦାବନରେ ଲୀଳା କରୁଥିବାବେଳେ କଂସ ତାଙ୍କୁ ମାରିବା ଲାଗି ଗୋଟିଏ ହସ୍ତୀ ପ୍ରେରଣ କରିଥିଲେ। ତାହାକୁ ଅନ୍ଧ ମନ୍ଦର ହସ୍ତୀ କହିବାର ତାତ୍ପର୍ଯ୍ୟ ହେଉଛି ସେହି ହାତୀଟି ଅତ୍ୟନ୍ତ ମତାନ୍ଧ ଏବଂ ମନ୍ଦର ପର୍ବତ ଭଳି ବିଶାଳ ରହିଥିଲା। ଭଗବାନ ସେହି ପ୍ରବଳ ପରାକ୍ରମୀ ହସ୍ତୀକୁ ବିନାଶ କରିଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ଅନ୍ଧ ମନ୍ଦର ହାତୀ ଲୀଳା ଅନୁଷ୍ଠିତ ହୋଇଥାଏ।


ଶ୍ରୀମନ୍ଦିର ସମ୍ମୁଖରେ ଅନ୍ଧ ଲୀଳା ନୀତି ସମ୍ପନ୍ନ କରାଯାଉଛି।

### ଅନ୍ଧ ଚକ୍ଷୁଦାନ ଲୀଳା

ସନ୍ଧ୍ୟାଧୂପ ପରେ ଦକ୍ଷିଣୀ ଘରେ ବିରାଜିତ ମଦନମୋହନ ରତ୍ନସିଂହାସନକୁ ଯାଇ ଆଜ୍ଞାମାଳ ପାଇ ନାଟପା ମଣ୍ଡପରେ ପଡ଼ିଥିବା ଖଟ ଉପରେ ବିଜେ କରନ୍ତି। ସେଠାରେ ବାସେଳି ସାହି ପକ୍ଷରୁ ଅନ୍ଧ ଲୀଳା ପ୍ରସ୍ତାବ ଦିଆଯାଏ। ଅନ୍ଧ ଲୀଳାର ତାତ୍ପର୍ଯ୍ୟ ହେଉଛି ବୃନ୍ଦାବନରେ ଭଗବାନ ଶ୍ରୀକୃଷ୍ଣ ଗୋପବାଳକଙ୍କ ସହିତ ଲୀଳା କରୁଥିବାବେଳେ ତାଙ୍କର ଜଣେ ଅନ୍ଧ ସଖା ଥିଲେ। ସେ ଥିଲେ ଶ୍ରୀକୃଷ୍ଣଙ୍କ ପରମ ଭକ୍ତ। ତାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଶ୍ରୀକୃଷ୍ଣ କୃପା କରି ତାଙ୍କୁ ଚକ୍ଷୁଦାନ କରିଥିଲେ। ଏହି ସ୍ମୃତିରେ ଅନ୍ଧ ଚକ୍ଷୁଦାନ ଲୀଳା ସମ୍ପନ୍ନ ହୁଏ। ଏହାକୁ ଅନ୍ଧ ଲୀଳା ମଧ୍ୟ କୁହାଯାଏ।

## ଭତ୍ତାରେ ଅବ୍ୟବସ୍ଥା, କମିଶନରଙ୍କୁ ଦାବିପତ୍ର

**କଟକ ଅଫିସ,୨୧।୮**

ହିତାଧିକାରୀଙ୍କ ମାସିକ ଭତ୍ତାର ପରିମାଣ ୨ ହଜାରରୁ ୨୫ଶହ ଟଙ୍କା ପର୍ଯ୍ୟନ୍ତ କରିବା ପାଇଁ କଟକ ନଗର ଆମ୍ ଆଦମୀ ପାର୍ଟି ଦାବି ଜଣାଇଛି। ଅନ୍ୟପକ୍ଷରେ ଭତ୍ତା ପାଇଁ ଆଧାର କାର୍ଡ ଓ ବ୍ୟାଙ୍କ ପାସ୍‌ବୁକ ସଂଯୋଗ କରିବାକୁ ସିଏମ୍‌ସି କହିଥିଲେ ମଧ୍ୟ ଲକ୍‌ଡାଉନ ଯୋଗୁ ଅନେକ ହିତାଧିକାରୀ ତାହା କରିପାରି ନ ଥିଲେ। କିନ୍ତୁ ଯେଉଁମାନେ ତାହା ଦାଖଲ କରିଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଭତ୍ତା ମିଳିନାହିଁ। ଏହା ସମ୍ପୃକ୍ତ ଅଧିକାରୀଙ୍କ ଅବହେଳା ମନୋଭାବକୁ ଦର୍ଶାଉଥିବା ସଙ୍ଗଠନର ରାଜ୍ୟ ସଂଖ୍ୟାଲଘୁ ବିଭାଗ ସଭାପତି ଶେଖ୍ ମୁନ୍ତାକିମ୍ ବକ୍ସ ଅଭିଯୋଗ କରିଛନ୍ତି। ଯେଉଁ ପର୍ଯ୍ୟନ୍ତ ହିତାଧିକାରୀ ସମ୍ପୂର୍ଣ୍ଣ ଭତ୍ତା ପାଇନାହାନ୍ତି, ସେବେ ଯାଏ ଭତ୍ତା ବଣ୍ଟନ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବେତନ ସ୍ଥଗିତ ରଖାଯାଉ ବୋଲି ସଭାପତି ବକ୍ସ ଦାବି କରିଛନ୍ତି। ଏନେଇ ଶୁକ୍ରବାର ତାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କୁ ଦାବିପତ୍ର ଦେଇଛି।

# ଭୁବନେଶ୍ୱରରେ ବେକାବୁ କରୋନା

**ଭୁବନେଶ୍ୱର, ୨୧।୮(ବ୍ୟୁରୋ)**

ରାଜଧାନୀରେ ଆଉ ବୋଲ ମାନୁନି କରୋନା। ସବୁ ରଣକୌଶଳ ସତ୍ତ୍ୱେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ବେକାବୁ ହୋଇପଡ଼ିଛି ସଂକ୍ରମଣ। ଶେଷ ୨୪ ଘଣ୍ଟାରେ ତୃତୀୟ ଥର ପାଇଁ ସହରରୁ ୩ଶହରୁ ଊର୍ଦ୍ଧ୍ୱ ଅର୍ଥାତ୍ ୩୨୪ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

ବିଏମ୍‌ସିର ସୂଚନା ମୁତାବକ, ନୂଆ ପଜିଟିଭ୍ ମଧ୍ୟରୁ ସଙ୍ଗରୋଧରୁ ୧୭୩ଜଣ ଚିହ୍ନଟ ହୋଇଥିବାବେଳେ ୧୫୧ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ସଙ୍ଗରୋଧ ଆକ୍ରାନ୍ତଙ୍କ ମଧ୍ୟରୁ ୪ ଜଣଙ୍କ ଯାତ୍ରା ବିବରଣୀ ଥିବାବେଳେ ଅନ୍ୟମାନେ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ରାଜମହଲ ଛକରୁ ୯ ଜଣ, ନୀଳାଦ୍ରିବିହାରରୁ ୮ ଜଣ, ଶିଖରଚଣ୍ଡୀରୁ ୬ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୮ଜଣ ଟ୍ରାଫିକ୍ କର୍ମଚାରୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ୬ଜଣ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଏହାବ୍ୟତୀତ ବାକି ସଙ୍ଗରୋଧ ଆକ୍ରାନ୍ତ ବିଭିନ୍ନ ଅଞ୍ଚଳରୁ ରହିଛନ୍ତି। ସେହିଭଳି ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ପଟିଆ ଓ ଶହୀଦନଗରୁ ୬ଜଣ ଲେଖାଏ, ଝାରପଡ଼ା ଓ ନୟାପଲୀରୁ ୪ଜଣ ଲେଖାଏ ଓ ବାପୁଜୀ ନଗରରୁ ୩ଜଣ ଚିହ୍ନଟ ହୋଇଛନ୍ତି। ଏଥିସହ ସରକାରୀ କର୍ମଚାରୀ, ହସ୍ପିଟାଲ କର୍ମଚାରୀଙ୍କ ସମେତ ବିଏମ୍‌ସିର ୩ ଜୋନ୍‌ରୁ ପାଖାପାଖି ୧୪୦ ଜଣ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଫଳରେ ଏହାକୁ ମିଶାଇ ସହରରେ ମୋଟ ଆକ୍ରାନ୍ତ ସଂଖ୍ୟା ୬୭୨୦ରେ ପହଞ୍ଚିଛି।

ଅନ୍ୟପକ୍ଷରେ ଭୁବନେଶ୍ୱରରୁ ଆଉ ୧୦୮ଜଣ ସୁସ୍ଥ ହୋଇଛନ୍ତି। ବଡ଼ଗଡ଼ ବ୍ରିଟ୍ କଲୋନୀ, ସାମନ୍ତରାପୁର ଓ ଫରେଷ୍ଟ ପାର୍କରୁ ୫ଜଣ ଲେଖାଏ ଆକ୍ରାନ୍ତ ସୁସ୍ଥ ହୋଇଥିବାବେଳେ ଶହୀଦନଗରରୁ ୪, ନୂଆ ଏଜି କଲୋନୀ, ଜୟଦେବ ବିହାର, ଡୁମଡୁମା ଫେଜ୍-୩ ଓ ୟୁନିଟ୍-୮ ଅଞ୍ଚଳରୁ ୩ଜଣ ଲେଖାଏ ରହିଛନ୍ତି। ଏଥିସହ ଅନ୍ୟ ସୁସ୍ଥକମାନେ ବିଭିନ୍ନ ଅଞ୍ଚଳରୁ ରହିଛନ୍ତି। ଫଳରେ ଆରୋଗ୍ୟ ସଂଖ୍ୟା ୪୦୬୧ ଛୁଇଁଥିବାବେଳେ ୨୬୧୮ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି ଓ ୩୩ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି।

### ଲକ୍ଷେ ଟପିଲା ଟେଷ୍ଟିଂ

ରାଜ୍ୟରେ ଦୈନିକ ୫୦ ହଜାରରୁ ଊର୍ଦ୍ଧ୍ୱ ଟେଷ୍ଟିଂ ହେଉଥିବାବେଳେ ଭୁବନେଶ୍ୱରରେ ବର୍ତ୍ତମାନ ଦୈନିକ ପାଖାପାଖି ୩ ହଜାର ଟେଷ୍ଟିଂ ହେଉଛି। ଗୁରୁବାର ରାତି ସୁଦ୍ଧା ଭୁବନେଶ୍ୱରର ସରକାରୀ ଓ ବେସରକାରୀ ସ୍ତରରେ ହୋଇଥିବା ୨୮୧୨ଟି ଟେଷ୍ଟ ହୋଇଛି। ଫଳରେ ସହରରେ ଟେଷ୍ଟ ସଂଖ୍ୟା ଲକ୍ଷେ ଟପିଛି। ଏଥିମଧ୍ୟରେ ୫୨,୨୦୫ ଆର୍‌ଟିପିସିଆର, ୨୧,୪୪୫ ଆଣ୍ଟିଜେନ୍ ଓ ୩୫୩ ଟ୍ରୁନାଏଟ୍ ଟେଷ୍ଟ ରହିଛି। ଏଥିସହ ୫,୦୪୨ ଜଣଙ୍କ ଉପରେ ଆଣ୍ଟିବଡ଼ି ପରୀକ୍ଷା କରାଯାଇଛି। ଏଥିସହ ଘରୋଇ କେନ୍ଦ୍ରଗୁଡ଼ିକରେ ୨୫,୩୪୮ ନମୁନା ପରୀକ୍ଷା ହୋଇଛି ବୋଲି ବିଏମ୍‌ସି ସୂତ୍ରରୁ ପ୍ରକାଶ ପାଇଛି।

**ପୁଣି ୩୨୪ ନୂଆ ପଜିଟିଭ୍, ୧୦୮ ସୁସ୍ଥ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୨ ଅଗଷ୍ଟ, ୨୦୨୦



## ବଗଲା ଜମିର ପୁନରୁଦ୍ଧାର ଦାବି

**ପୁରୁଣା ଭୁବନେଶ୍ୱର(ଡି.ଏନ୍.ଏ.):** ପୁରୀ ବଗଲା ଧର୍ମଶାଳା ଜମି ବିକ୍ରିକୁ ନେଇ ଅସନ୍ତୋଷ ଓ ବିବାଦ ତେଜିବାରେ ଲାଗିଛି। ଏ ନେଇ ବିଭିନ୍ନ ମହଲରେ ପ୍ରଶାସନର ପଦକ୍ଷେପକୁ ବିରୋଧ କରାଯାଉଛି। ଏହିକ୍ରମରେ ଶୁକ୍ରବାର ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏକାମ୍ର ଜନଜାଗରଣ ମଞ୍ଚର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ଏଡିଏମ୍‌ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସୁବାସ ଚନ୍ଦ୍ର ସାହୁ, ସୁନୀଲ ବଟୁ, ଗୋପୀନାଥ ପ୍ରଧାନ, ଦେବରାଜ ପଣ୍ଡା, ସୂର୍ଯ୍ୟକାନ୍ତ ସେଠୀ, ଉମାକାନ୍ତ ମିଶ୍ର, ପ୍ରଦୀପ ଗରାବଡୁ, ସଂଗ୍ରାମ କିଶୋର ସାହୁ, ତିଳୋତ୍ତମା ନାୟକ, ବିଷ୍ଣୁପ୍ରିୟା ଜେନା, ବର୍ଷା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ହତ୍ୟା ଅଭିଯୋଗରେ ଦମ୍ପତିଙ୍କ ସମେତ ୪ ଗିରଫ

**ପୁରୀ ଅଫିସ,୨୧।୮:** ଚନ୍ଦନପୁର ଥାନା ଅନ୍ତର୍ଗତ ବଣିଆକେରା ଗ୍ରାମର କାଳୁ ପ୍ରଧାନଙ୍କ ହତ୍ୟା ଅଭିଯୋଗରେ ପୋଲିସ ସେହି ଗ୍ରାମର ଗଣେଶ ପ୍ରଧାନ ଓ ତାଙ୍କ ସ୍ତ୍ରୀ ମାତା ପ୍ରଧାନଙ୍କୁ ଶୁକ୍ରବାର ଗିରଫ କରିଛି। ଏଥିସହିତ ସେମାନଙ୍କୁ ଘରେ ଲୁଚି ରହିବାକୁ ଆଶ୍ରୟ ଦେଇଥିବା ଏହି ଥାନା ଅଧୀନ ଖଣ୍ଡିଘରର ମାର୍କଣ୍ଡ ପ୍ରଧାନ ଏବଂ ସତ୍ୟବାଦୀ ଥାନା ଭାଟପୁରର ବାନାମ୍ବର ଛାଟୋଇଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ସମସ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ଚନ୍ଦନପୁର ଆଇଆଇସି ପ୍ରିୟରଞ୍ଜନ ନାୟକ କହିଛନ୍ତି। ଅଭିଯୋଗ ଅନୁଯାୟୀ, କାଳୁ ଗତ ୧୫ ତାରିଖରେ ବିଲରେ କାମ କରୁଥିବା ବେଳେ ଜମିବାଡ଼ି ବିବାଦକୁ ନେଇ ଗଣେଶ ଏବଂ ଅନ୍ୟ କେତେଜଣ କାଠ ଫାଳିଆରେ ତାଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ କାଳୁଙ୍କୁ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ଗତ ୧୮ ତାରିଖରେ କାଳୁଙ୍କର ମୃତ୍ୟୁ ଘଟିଥିଲା। କାଳୁଙ୍କ ସ୍ତ୍ରୀ ସୁବାଷିନୀ ଗଣେଶଙ୍କ ସମେତ ଅନ୍ୟ କେତେଜଣ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଥିବା ନେଇ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୦୫/୨୦) ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ଅଭିଯୁକ୍ତମାନେ ଫେରାର ଥିଲେ। ଶୁକ୍ରବାର ଗଣେଶ ମାର୍କଣ୍ଡଙ୍କ ଘରେ ଥିବା ଖବରପାଇ ପୋଲିସ ଚଢ଼ାଉ କରି ଧରିଥିଲେ।

## ଯୁବକଙ୍କ ମୃତଦେହ ଉଦ୍ଧାର

**ପିପିଲି, ୨୧।୮(ସ୍ୱ.ପ୍ର./ଡି.ଏନ.ଏ.):** ପିପିଲି ଥାନା ଅଧୀନ ପାଣିଦୋଳ ପଞ୍ଚାୟତର ଅନନ୍ତପୁରସ୍ଥିତ ଦୟାନଦୀ କୂଳରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଶୁକ୍ରବାର ଉଦ୍ଧାର କରିଛି। ଯୁବକଙ୍କ ବୟସ ୩୫ରୁ ୪୦ମଧ୍ୟରେ ଥିବାବେଳେ ପରିଚୟ ଜଣାପଡ଼ି ନାହିଁ। ଏ ନେଇ ଏକ ଅପମୃତ୍ୟୁ ମାମଲା ନଂ.୯/୨୦ରେ ରୁଜୁ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଛି। ଦୟା ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ଏଥିରେ ଏକ ମୃତଦେହ ଭାସି ଯାଉଥିବାର ସ୍ଥାନୀୟ ଲୋକ ଦେଖି ପୋଲିସକୁ ଜଣାଇଥିଲେ। ଖବରପାଇ ଥାନାଧିକାରୀ ଗୌରାଙ୍ଗଚରଣ ପୃଷ୍ଟିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ସନ୍ଦୀପ ଦାସ, ଏଏସ୍‌ଆଇ ରବୀନ୍ଦ୍ର ନାୟକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ତାଙ୍କ ଦେହରେ ଏକ କଳା ରଙ୍ଗର ଟି-ଶାର୍ଟ ଏବଂ ହାପ୍ ପ୍ୟାଣ୍ଟ ପିନ୍ଧିଥିଲେ। ତାଙ୍କ ମୁହଁରୁ ରକ୍ତଶ୍ରାବ ହେଉଥିବା ବେଳେ ଏହା ହତ୍ୟା କି ଆତ୍ମହତ୍ୟା ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡିବ ବୋଲି ଥାନା ଅଧିକାରୀ ପୃଷ୍ଟି କହିଛନ୍ତି।

## ୭୫ କରୋନା ଯୋଦ୍ଧା ସମ୍ବର୍ଦ୍ଧିତ

**ନିମାପଡ଼ା,୨୧।୮(ଡି.ଏନ୍.ଏ.):** ନିମାପଡ଼ା ଶହୀଦ ସ୍ମୃତି ସଂସଦ ପକ୍ଷରୁ ଗୁରୁବାର ସ୍ଥାନୀୟ ପଞ୍ଚାୟତ ସମିତି ସଭା କକ୍ଷରେ ଏକ ନାଗରିକ ସମ୍ବର୍ଦ୍ଧନା ସମାରୋହ ଓ କରୋନା ଯୋଦ୍ଧାଙ୍କୁ ସଲାମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ, ଗୋପ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ା, ଶହୀଦ ସ୍ମୃତି ସଂସଦ ସମ୍ପାଦକ ବେଣୁଧର ସେନାପତି, ଶରତ ଚନ୍ଦ୍ର ସଂ ଦେଓ, ମହେନ୍ଦ୍ର ସିଂ ଭାଟିଆ, ପଦ୍ମଚରଣ ସାହୁ ପ୍ରମୁଖ ଯୋଗଦେଇ କରୋନା ଯୋଦ୍ଧାଙ୍କ ନିରବିଚ୍ଛିନ୍ନ ସେବା ଓ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ନିମାପଡ଼ା ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ବିଡିଓ ମନୋଜ ବେହେରା, ନିମାପଡ଼ା ଏସ୍‌ଡିପିଓ ପ୍ରଦୀପ ଦଲେଇ, ଆଇଆଇସି ଜନାର୍ଦ୍ଦନ ପାଢ଼ୀ,ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶଶିଭୂଷଣ ମିଶ୍ର, ଗୋପ ବିଡିଓ ଦୀପ୍ତିରାଣୀ ଦାଶଙ୍କ ସମେତ ନିମାପଡ଼ା ଓ ଗୋପ ଅଞ୍ଚଳର ଅଗ୍ନିଶମ ବିଭାଗ, ପୋଲିସ ଅଧିକାରୀ, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି ଓ ଆଶାକର୍ମୀ ଏଭଳି ୭୫ ଜଣ କରୋନା ଯୋଦ୍ଧାଙ୍କୁ ଅତିଥିମାନେ ସଲାମ ଜଣାଇଥିଲେ। ଏହାସହ ଶହୀଦ ସଂସଦ ସ୍ମୃତି ପକ୍ଷରୁ କରୋନାଯୋଦ୍ଧାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ।





ଶଟ୍‌ଡାଉନ୍ ଓ ଗଣେଶପୂଜାର ଅବ୍ୟବହିତ ପୂର୍ବରୁ ଶୁକ୍ରବାର ଭୁବନେଶ୍ୱରର ରାଜମହଲରୁ ଏଜିଛକ ରାସ୍ତା ଏବଂ ୟୁନିଟ୍-୧ ଅସ୍ଥାୟୀ ହାଟରେ ଭିଡ଼।

# ରାଜଧାନୀରେ ଅସମ୍ଭାଳ ଭିଡ଼, ଭୁଲିଗଲେ କଟକଣା

**ଶଟ୍‌ଡାଉନ୍, ଗଣେଶ ପୂଜା ପୂର୍ବରୁ...**

**ଭୁବନେଶ୍ୱର, ୨୧।୮ (ବ୍ୟୁରୋ)**

ଭୁବନେଶ୍ୱରରେ ଦିନକୁ ଦିନ ସଂକ୍ରମଣ ବଢ଼ୁଥିବାରୁ କରୋନା ନିୟମ ଓ ଗାଇଡ୍‌ଲାଇନ୍ ପାଳନର ଜରୁରୀ ଆବଶ୍ୟକତା ରହିଛି। ହେଲେ କଟକଣା କୋହଳ ହେବାଠାରୁ ଲୋକେ ପୂରା ଅମାନିଆ ହୋଇଯାଇଛନ୍ତି। ଶିକ୍ଷିତ ତଥା ସଚେତନ ନାଗରିକ ହୋଇ ବି ଭୁବନେଶ୍ୱରବାସୀ ବିପଦକୁ ପାଖକୁ ଡାକୁଛନ୍ତି। ଅଧିକାଂଶ ମାସ୍କ ପିନ୍ଧିବା ଉପରେ ଗୁରୁତ୍ୱ ଦେଉଥିଲେ ମଧ୍ୟ ଗହଳି ଓ ସାମାଜିକ ଦୂରତ୍ୱକୁ ଭୁଲିଯାଉଛନ୍ତି। ଶୁକ୍ରବାର ରାଜଧାନୀର ରାସ୍ତା ଓ ବଜାରକୁ ଦେଖିଲେ ଆଗକୁ ସଂକ୍ରମଣ ସ୍ଥିତି କେତେ ଭୟଙ୍କର ହେବ ତାହା ସହଜରେ ବାରି ହୋଇପଡୁଛି।

ଶନିବାର ଓ ରବିବାର ହେଉଛି ସପ୍ତାହାନ୍ତ ଶଟ୍‌ନ୍‌ଡାଉନ୍। ଏଥିସହ ଶନିବାର ଗଣେଶ ପୂଜା। ଏହା ପୂର୍ବରୁ ଶୁକ୍ରବାର ରାଜଧାନୀରେ ସବୁଠି ଦେଖିବାକୁ ମିଳିଥିଲା ପ୍ରବଳ ଭିଡ଼। ରାଜମହଲରୁ ଏଜିଛକ ରାସ୍ତା, ୟୁନିଟ୍-୧ ମାର୍କେଟ ଓ ମାର୍କେଟ ବିଲ୍ଡିଂରେ ଅଣନିଃଶ୍ୱାସୀ ସ୍ଥିତି ଉପୁଜିଥିଲା। ବିଶେଷକରି ଅପରାହ୍ନରୁ ରାତିଯାଏ ବିଭିନ୍ନ ରାସ୍ତାରେ ଟ୍ରାଫିକ ଜାମ୍ ପରିସ୍ଥିତି ଉପୁଜିଥିବାବେଳେ ବଜାରରେ ଭିଡ଼ ଲାଗି ରହିଥିଲା। ଲୋକେ ବିଭିନ୍ନ ପୂଜା ଫଳ ଦୋକାନ, ପରିବା ହାଟ ଆଦିରେ ଖୁନ୍ଦାଖୁନ୍ଦି ହୋଇ କିଣାକିଣି କରୁଥିଲେ। ସେହିଭଳି କପଡ଼ା ଶୋ'ରୁମ୍ ଓ ମଲ୍‌ରେ ମଧ୍ୟ ଲୋକଙ୍କ ସମାଗମ ଅଧିକ ଥିଲା। ସତେ ଯେମିତି କରୋନା ସଂକ୍ରମଣକୁ ସେମାନଙ୍କର ଖାତିର ନ ଥିଲା। ଦୋକାନରେ ଭିଡ଼ ଜମୁଥିଲେ ମଧ୍ୟ ବ୍ୟବସାୟୀମାନେ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିଲେ। କଟକଣା ମାନିବାକୁ ଗ୍ରାହକଙ୍କୁ ପରାମର୍ଶ ଦେବାକୁ ଚାହୁଁ ନ ଥିଲେ।

ଅନ୍ୟପକ୍ଷରେ ଏ ପରିସ୍ଥିତି ସମସ୍ତେ ଜାଣୁ ଥିଲେ ମଧ୍ୟ ବିଏମ୍‌ସି ପକ୍ଷରୁ ସେପରି କିଛି ପଦକ୍ଷେପ ନିଆଯାଇ ନ ଥିଲା। କୌଣସି ଅଧିକାରୀ କିମ୍ବା ଯାଞ୍ଚ ଟିମ୍‌ର ଦେଖା ନ ଥିଲା। ବିଏମ୍‌ସି ବ୍ୟବସାୟୀଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ଆଖି ବନ୍ଦ କରିଦେଇଥିବା ଭଳି ମନେ ହେଉଥିଲା। ଭୁବନେଶ୍ୱର ବଜାରରେ ଯାଞ୍ଚ ପାଇଁ ବିଏମ୍‌ସି ଗଠନ କରିଥିବା ଟିମ୍ ଏବେ କୁଆଡ଼େ ଗଲେ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିନ୍ତି।

ଏନେଇ ବିଏମ୍‌ସି ମାର୍କେଟ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିବାରୁ କିଛି ବି ପ୍ରଥମେ ପ୍ରତିକ୍ରିୟା ଦେବାକୁ ମନା କରିଥିଲେ। ପରେ କହିଥିଲେ, ଏପରି କିଛି ନିୟମ ଉଲ୍ଲଂଘନ କରାଯାଉଥିଲେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ସଂକ୍ରମଣ ହୋଇସାରିବା ପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରଶ୍ନ ଉଠୁଛି। ଏହା ପୂର୍ବରୁ ମଧ୍ୟ ରଜ ସମୟରେ ଭୁବନେଶ୍ୱରର ବିଭିନ୍ନ ବଜାରରେ ଏପରି ସ୍ଥିତି ନଜରକୁ ଆସିଥିଲା। ଫଳରେ ବିଏମ୍‌ସି ମଧ୍ୟ ମାର୍କେଟ ବିଲ୍ଡିଂକୁ ସିଲ୍ କରିଥିଲା। ପରେ ବ୍ୟବସାୟୀମାନେ ବିରୋଧ କରିବା ସହ କଟକଣା ନ ମାନି ଦୋକାନ ବଜାର ଖୋଲିବାରୁ ବିଏମ୍‌ସି ଏସ୍‌ଓପି ଜାରି କରି ପୁଣି ଚୁପ୍ ବସିଥିଲା।

## ୩ ରଥ ଖୋଲା କାମ ସରିଲା

**ଜଗନ୍ନାଥବଲ୍ଲଭ ମଠ ପରିସରରେ ପୁନଃ ନିର୍ମାଣ ହେବ**

**ପୁରୀ ଅଫିସ,୨୧।୮**

ଚଳିତବର୍ଷର ତିନିରଥ ଭଙ୍ଗା ନ ଯାଇ ସଂରକ୍ଷଣ ରଖିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେବା ପରେ ଗତମାସ ୨୯ ତାରିଖରୁ ରଥ ଖୋଲା କାମ ଆରମ୍ଭ ହୋଇଥିଲା। ଶୁକ୍ରବାର ତିନୋଟି ଯାକ ରଥ ଖୋଲିବା କାମ ଶେଷ ହୋଇଛି। ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ, ଏହାପରେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଖୋଲା ସରିବା ପରେ ଗତ ୧୩ ତାରିଖରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଖୋଲା ଆରମ୍ଭ ହୋଇଥିଲା। ଶୁକ୍ରବାର ଏହି କାମ ସମ୍ପୂର୍ଣ୍ଣ ହୋଇଛି। ଖୋଲାଯାଇଥିବା ଅଂଶଗୁଡ଼ିକ ଗୁଣ୍ଡିଚା ମନ୍ଦିର ପରିସରରେ ରଖାଯାଇଛି। ଖୁବ୍‌ଶୀଘ୍ର ଜଗନ୍ନାଥ ବଲ୍ଲଭ ମଠ ପରିସରରେ ତିନିରଥର ପୁନଃ ନିର୍ମାଣ କରାଯିବ ବୋଲି ଜଣାପଡ଼ିଛି।

୨୦୨୦ ଐତିହାସିକ ରଥଯାତ୍ରାର ସ୍ମୃତି ସ୍ୱରୂପ ତିନିରଥକୁ ସଂରକ୍ଷଣ କରାଯିବ। ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ରଥଗୁଡ଼ିକୁ ବର୍ଷତମାମ୍ ଦେଖିପାରିବେ ବୋଲି ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି। ତିନିରଥ ଖୋଲାଯିବା ପରେ ଏହାକୁ ଜଗନ୍ନାଥ ବଲ୍ଲଭ ପରିସରରେ ପୂର୍ଣ୍ଣାଙ୍ଗ ରୂପ ଦିଆଯିବ। ଏହି ସମସ୍ତ କାର୍ଯ୍ୟର ତଦାରଖ ପାଇଁ ଏକ ବୈଷୟିକ କମିଟି ଗଠନ କରାଯାଇଛି। ଏହି କମିଟି ପରାମର୍ଶକ୍ରମେ ରଥ ଖୋଲାଯାଉଛି। ଖୋଲା ସମୟରେ ରଥର ଯେଉଁ ଅଂଶଗୁଡ଼ିକ ଭାଙ୍ଗି ନଷ୍ଟ ହୋଇଯିବ।

## 'ଚାଷୀଙ୍କୁ କ୍ଷତିପୂରଣ ଦିଅନ୍ତୁ ସରକାର'

**ଭୁବନେଶ୍ୱର,୨୧।୮(ବ୍ୟୁରୋ)**

- ଲଘୁଚାପ ବର୍ଷାରେ ଧାନଜମି ଜଳମଗ୍ନ
- କ୍ଷୟକ୍ଷତି ଆକଳନ ସହ କ୍ଷତିପୂରଣ ମିଳୁ
- ଦାବି ଜଣାଇଲେ ବିରୋଧୀ ଦଳ ନେତା

କିଛିଦିନ ତଳେ ଉପକୂଳ ଅଞ୍ଚଳର ବାଲେଶ୍ୱର, ଭଦ୍ରକ, ଯାଜପୁର ଏବଂ କେନ୍ଦ୍ରାପଡା ଜଲାରେ ଲଘୁଚାପ ବର୍ଷା ପ୍ରଭାବରେ ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି। ଜମିରେ ପାଣି ଥିବାରୁ ରୁଆ ବେଉଷଣ କାର୍ଯ୍ୟ ବନ୍ଦ ରହିଛି। ଅଥଚ ଏଭଳି ପରିସ୍ଥିତିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜଳମଗ୍ନ ଜମିର କ୍ଷୟକ୍ଷତି ଆକଳନ କରାଯାଇ ନାହିଁ କିମ୍ବା ଚାଷୀଙ୍କୁ କ୍ଷତିପୂରଣ ଦିଆଯାଇନାହିଁ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଅଭିଯୋଗ କରିଛନ୍ତି।

ବର୍ତ୍ତମାନ ଆଉଥରେ ଲଘୁଚାପ ବର୍ଷା ହେବାର ସମ୍ଭାବନା ଅଛି। ସରକାର ଏନେଇ କ'ଣ ଯୋଜନା କରିଛନ୍ତି ତାହା ଚାଷୀଙ୍କୁ ଅବଗତ କରାନ୍ତୁ। ବର୍ଷାର ପରିମାଣ ବୃଦ୍ଧି ହେଲେ ଧାନ ଫସଲ ପୂରା ଧୋଇଯିବାର ଆଶଙ୍କା ରହିଛି। ବିପତ୍ତି ସମୟରେ ରାଜ୍ୟ ସରକାର ଚାଷୀଙ୍କ ପାଖରେ ଛିଡା ହୋଇ ସେମାନଙ୍କ ମନୋବଳ ବୃଦ୍ଧି କରିବା ସହ ଜଳମଗ୍ନ ଜମିର କ୍ଷୟକ୍ଷତି ଆକଳନ କରି ଆର୍ଥିକ ସହାୟତା ପ୍ରଦାନ କରିବାକୁ ବିରୋଧୀ ଦଳ ନେତା ଦାବି କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ରୁଆ ଯାଇଥିବା ଜମିରେ ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଧାନ ଗଛ ନଷ୍ଟ ହୋଇଯିବାର ଆଶଙ୍କା ରହିଛି। ଏନେଇ ଚାଷୀକୁଳ ଆଶଙ୍କିତ ହୋଇପଡ଼ିଛନ୍ତି। ଏହି ପାଣିକୁ ନିଷ୍କାସନ କରିବା ପାଇଁ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ କୌଣସି ସଠିକ୍ ପଦ୍ଧତି ନ ଆପଣାଇବା ଦୁର୍ଭାଗ୍ୟଜନକ। କରୋନା ମୁକାବିଲା କରୁଥିବା ସମୟରେ ଆର୍ଥିକ ଅଭିବୃଦ୍ଧି ୬ ପ୍ରତିଶତରୁ କମ ରହିଛି। ତେଣୁ ଚାଷୀମାନେ ଦିନ ରାତି କଠିନ ପରିଶ୍ରମକରି ରାଜ୍ୟକୁ ଆର୍ଥିକ ଅଭିବୃଦ୍ଧିରେ ନିଜକୁ ସାମିଲ କରିଛନ୍ତି। କିନ୍ତୁ ଲଘୁଚାପ ଜନିତ ଲଗାଣ ବର୍ଷାରେ ଚାଷୀର ଅଣ୍ଟାଭାଙ୍ଗି ପଡିଛି ବୋଲି ସେ କହିଛନ୍ତି।

## ଶ୍ରୀକ୍ଷେତ୍ରରେ ବାଲି ତୃତୀୟା

**ପୁରୀ ଅଫିସ,୨୧।୮**

ଭାଦ୍ରବ ଶୁକ୍ଳ ତୃତୀୟା ତିଥିରେ ଶୁକ୍ରବାର ଶ୍ରୀକ୍ଷେତ୍ରରେ ବାଲି ତୃତୀୟା (ଗୌରୀ ବ୍ରତ) ପାଳିତ ହୋଇଛି। ବିଭିନ୍ନ ନଦୀ ଓ ପୁଷ୍କରିଣୀ କୂଳରେ ମହିଳା ଏବଂ ଯୁବତୀମାନେ ବାଲୁକାରେ ଶକ୍ତି ସହିତ ଶିବଲିଙ୍ଗ ପ୍ରତିଷ୍ଠା କରି ଉମା ମହେଶ୍ୱରଙ୍କୁ ପୂଜା କରିଛନ୍ତି। ଏହି ବ୍ରତ ସଂକ୍ରାନ୍ତରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଶ୍ରୀକ୍ଷେତ୍ର ଓ ପାର୍ଶ୍ୱବର୍ତ୍ତୀ ଗାଁଗୁଡ଼ିକରେ ବିବାହିତା ମହିଳାମାନେ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା ଏବଂ ସନ୍ତାନଙ୍କ ସୁଖ ସମୃଦ୍ଧି ପାଇଁ ଅତ୍ୟନ୍ତ ନିଷ୍ଠାର ସହିତ ଏହି ବ୍ରତ ପାଳନ କରିଥାନ୍ତି। ବ୍ରତଧାରୀଙ୍କ ମଧ୍ୟରୁ କେହି କେହି ସମ୍ପୂର୍ଣ୍ଣ ଉପବାସ କରିଥାନ୍ତି, ଆଉ କେହି ଛେପ ମଧ୍ୟ ଢୋକି ନ ଥାନ୍ତି। ଅବିବାହିତ ଝିଅମାନେ ସୁନ୍ଦର ଓ ଗୁଣୀ ସ୍ୱାମୀ ପାଇବା ଲାଗି ଏହି ବ୍ରତ ପାଳନ କରିଥାନ୍ତି। ସନ୍ଧ୍ୟାରେ ଉମା ମହେଶ୍ୱରଙ୍କୁ ପୂଜା କରି ମନସ୍କାମନା ଜଣାଇଥାନ୍ତି।

## ଏସ୍‌ପିଙ୍କୁ ରିପୋର୍ଟ ମାଗିଲେ ଓଏଚ୍‌ଆର୍‌ସି

**ରେଢୁଆ ଗ୍ରାମର ୨୭ଜଣଙ୍କୁ ପୋଲିସ ଉଠାଇନେବା ଘଟଣା**

**ଗୋପ,୨୧।୮(ଡି.ଏନ୍.ଏ.)**

ପୁରୀ ଜିଲା ଗୋପ ପୋଲିସର ରେଢୁଆ ଗ୍ରାମରେ ରାତି ଅଧିଆ ଚଢ଼ାଉ କରି ମହିଳାଙ୍କୁ ଦୁର୍ବ୍ୟବହାର ପରେ ୨୭ଜଣଙ୍କୁ ଉଠାଇ ନେବା ଘଟଣାରେ ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି) ଏସ୍‌ପି ଅଖିଳେଶ୍ୱର ସିଂଙ୍କୁ ତଦନ୍ତ ରିପୋର୍ଟ ମାଗିଛନ୍ତି। ସୂଚନାଯୋଗ୍ୟ, ଗତ ୭ତାରିଖରେ ଏକ ଚୋରି ଘଟଣାରେ ଗୋପ ପୋଲିସ ରେଢୁଆ ଗ୍ରାମରେ ଅଧ ରାତିରେ ଚଢ଼ାଉ କରିବା ବେଳେ ମହିଳାଙ୍କୁ ଅସଦାଚରଣ କରି ଅଭିଯୁକ୍ତଙ୍କୁ ନେବାବେଳେ ଗ୍ରାମବାସୀ ପୋଲିସଙ୍କୁ ୬ଘଣ୍ଟା ଅଟକ ରଖିଥିଲେ। ଖବରପାଇ ଥାନାଧିକାରୀ ଓ ନିମାପଡ଼ା ଡିଏସ୍‌ପି ପହଞ୍ଚିବାରୁ ଅଟକ ପୋଲିସ ମୁକୁଳିଥିଲେ। ପରେ ଏଏସ୍‌ଆଇ ଗଙ୍ଗାଧର ସେଠୀଙ୍କ ଅଭିଯୋଗକ୍ରମେ ୧୦ତାରିଖ ଭୋରୁ ପୋଲିସ ଉକ୍ତ ଗ୍ରାମକୁ ଯାଇ ୧୯ଜଣ ମହିଳା ସମେତ ୨୭ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ପୋଲିସର ଏପରି କାର୍ଯ୍ୟକୁ ଗ୍ରାମବାସୀ, କଂଗ୍ରେସ, ଭାଜପା ଓ ଅନ୍ୟ ଦଳ ଆସି ନିନ୍ଦା କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏ ନେଇ ମାନବାଧିକାରୀ କର୍ମୀ ପ୍ରଦୀପ ନାୟକ ଉକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଗତ ୧୧ତାରିଖରେ ଏସ୍‌ପି ଓ ଓଏଚ୍‌ଆର୍‌ସିଙ୍କ ନିକଟରେ ଏକ ଅଭିଯୋଗ କରିଥିଲେ। ଏହି ଘଟଣାରେ ଏସ୍‌ପି ତଦନ୍ତ କାର୍ଯ୍ୟ କିଭଳି କରିଛନ୍ତି, ସେନେଇ ଏକ ରିପୋର୍ଟ ଦେବା ପାଇଁ ଓଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି।

## ରିଲିଫ୍ ଦେଇ ଫେରୁଥିବା ଡଙ୍ଗା ଦୁର୍ଘଟଣାଗ୍ରସ୍ତ

**ସରକାରୀ କର୍ମଚାରୀ ନିଖୋଜ**

**ପଡ଼ିଆ,୨୧।୮:** ଲଗାଣ ବର୍ଷା ଯୋଗୁ ମାଲକାନଗିରି ଜିଲା ପଡ଼ିଆ ବ୍ଲକ୍‌ର ଅନେକ ଅଞ୍ଚଳ ଜଳମଗ୍ନ ହୋଇଯାଇଛି। ସେହିପରି ସୀମାନ୍ତ ଆନ୍ଧ୍ରପ୍ରଦେଶର ଚିନ୍ତୁର୍ ନିକଟସ୍ଥ ଗୋଦାବରୀ ନଦୀରେ ଜଳସ୍ତର ବୃଦ୍ଧିପାଇଛି। ଏଥିରେ ଆଖପାଖ ଅଞ୍ଚଳର ଅନେକ ଲୋକ ଜଳବନ୍ଦୀ ହୋଇଛନ୍ତି। ଉକ୍ତ ଅଞ୍ଚଳରେ ରିଲିଫ୍ ପ୍ରଦାନ ପାଇଁ ୪ଜଣ ସରକାରୀ କର୍ମଚାରୀ ଡଙ୍ଗାରେ ଯାଇଥିଲେ। ଫେରିବା ସମୟରେ ଡଙ୍ଗାଟି ଏକ ଖୁଣ୍ଟରେ ବାଜି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବହୁ କଷ୍ଟରେ ୩ କର୍ମଚାରୀ କୂଳକୁ ଫେରିବାରେ ସଫଳ ହୋଇଥିବାବେଳେ ଜଣେ କର୍ମଚାରୀ ନିଖୋଜ ଅଛନ୍ତି। ଅଗ୍ନିଶମ କର୍ମଚାରୀମାନେ ତାଙ୍କୁ ଖୋଜାଖୋଜି କରୁଥିବାବେଳେ ଖବର ଲେଖାଯିବା ସୁଦ୍ଧା ତାଙ୍କର ସନ୍ଧାନ ମିଳି ନ ଥିବା ଜଣାପଡ଼ିଛି।

## ଐତିହାସିକ ଅତୁଲ ଚନ୍ଦ୍ରଙ୍କ ବିୟୋଗରେ ସ୍ମୃତିସଭା

**ଖୋର୍ଦ୍ଧା ଅଫିସ,୨୧।୮:** ଐତିହାସିକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପୂର୍ବତନ ମୁଖ୍ୟ ଡ.ଅତୁଲ ଚନ୍ଦ୍ର ପ୍ରଧାନଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି। ଶିକ୍ଷାବିତ୍ ଭୀମସେନ ପ୍ରଧାନଙ୍କ ପୌରୋହିତ୍ୟରେ ଶୁକ୍ରବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହ, କାଳିଚରଣ ଜୟସିଂହ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରଫୁଲ୍ଲ ସାମନ୍ତରାୟ, ସମରେନ୍ଦ୍ର ବଳିଆରସିଂହ, ଗୋପାଳ ଚନ୍ଦ୍ର ସାମନ୍ତରାୟ, ବିଦ୍ୟାଧର ଲେଙ୍କା ପ୍ରମୁଖ ସ୍ମୃତିଚାରଣ କରିଥିଲେ।

## ବ୍ରାଉନସୁଗାର ବେପାରୀ ଗିରଫ

**ନିମାପଡ଼ା,୨୧।୮(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅଧୀନ ଖେଦରପୁର ଛକଠାରେ ବ୍ରାଉନସୁଗାର ବେପାର ଚାଲୁଥିବାବେଳେ ଶୁକ୍ରବାର ପୋଲିସ ଚଢ଼ାଉ କରି ଜଣେ ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ଏହି ଗ୍ରାମର କାଳିଆ ଓରଫ କୃପାସିନ୍ଧୁ ଭୋଇ। ପୋଲିସ ତାଙ୍କଠାରୁ ୫ଗ୍ରାମ ୬୮୦ମିଲିଗ୍ରାମର ବ୍ରାଉନସୁଗାର ଜବତ କରିଛି। ଯାହାର ମୂଲ୍ୟ ପ୍ରାୟ ୧ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏ ନେଇ ପୋଲିସ ନଂ.୧୯୨/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କିଛିଦିନ ହେବ ଖେଦରପୁର ଛକଠାରେ ବ୍ରାଉନସୁଗାର ଲୁଚାଛପାରେ ବିକ୍ରି ହେଉଥିବା ପୋଲିସ ନିକଟରେ ଅଭିଯୋଗ ହେଉଥିଲା। ଶୁକ୍ରବାର କାଳିଆ ଉକ୍ତ ଛକରେ ବ୍ରାଉନସୁଗାର ବିକ୍ରି କରୁଥିବା ଖବର ପାଇ ଆଇଆଇସି ଜନାର୍ଦ୍ଦନ ପାଢ଼ୀ, ଏସ୍‌ଆଇ ପି.କେ.ଜୁଝାର ସିଂଙ୍କ ସମେତ ଏକ ପୋଲିସ ଟିମ୍ ଚଢ଼ାଉ କରି ଧରିଥିଲେ। କୋର୍ଟ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ଜେଲ୍‌କୁ ପଠାଇ ଦିଆଯାଇଛି। କାଳିଆଙ୍କ ନାମରେ ପୂର୍ବରୁ ଏକାଧିକ ଥାନାରେ ବ୍ରାଉନସୁଗାର କାରବାର ମାମଲାରେ ଜଡ଼ିତ ରହି ଜେଲ ଯାଇଛନ୍ତି।

## ସେବାୟତଙ୍କୁ ହୋମିଓପାଥି ଔଷଧ ବଣ୍ଟନ

**ପୁରୀ ଅଫିସ,୨୧।୮:** ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତଙ୍କୁ ତୃତୀୟ ପର୍ଯ୍ୟାୟ ହୋମିଓପାଥି ଔଷଧ ବଣ୍ଟନ କରାଯାଇଛି। ନୀଳାଦ୍ରି ଭକ୍ତ ନିବାସ ପରିସରରେ ଆୟୋଜିତ ଦୁଇଦିନିଆ ଶିବିରରେ ୩,୫୦୦ ସେବାୟତ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଭାରତ ସରକାରଙ୍କ ଆଞ୍ଚଳିକ ହୋମିଓପାଥି ଗବେଷଣା ସଂସ୍ଥା ତରଫରୁ ଏହି ଔଷଧ ଦିଆଯାଇଛି। ଉଦ୍‌ଯାପନ ଅବସରରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା ଯୋଗଦେଇ ଗବେଷଣା ସଂସ୍ଥାନ ଅଧିକାରୀ ଡା. ଆରତି ସୋରେନଙ୍କୁ କୃତଜ୍ଞତା ଜଣାଇଥିଲେ। ଶ୍ରୀମନ୍ଦିର ଲୋକ ସମ୍ପର୍କ ଉପ ଅଧିକାରୀ ଜିତେନ୍ଦ୍ର କୁମାର ମହାନ୍ତି ଉପସ୍ଥିତ ଥିଲେ।



ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଶୁକ୍ରବାର କଟକ ଗଡ଼ଗଡ଼ିଆ ଘାଟ ରିଂବନ୍ଧ ରାସ୍ତାପାର୍ଶ୍ୱରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

## ବାହାରେ ଗଣେଶପୂଜା କଲେ ମାମଲା

**ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ଡିସିପି**

**ଭୁବନେଶ୍ୱର, ୨୧।୮(ବ୍ୟୁରୋ)**

ଆଜି ଗଣେଶ ପୂଜା। ହେଲେ କରୋନା ସଂକଟ ପାଇଁ ସାର୍ବଜନୀନ ଗଣେଶ ପୂଜାକୁ ପ୍ରଶାସନ ବାରଣ କରିଛି। କେବଳ ଘର ଭିତରେ ଗଣେଶ ପୂଜା ହୋଇପାରିବ। ତେଣୁ ଯେପରି ମଣ୍ଡପରେ କେହି ଗଣେଶ ପୂଜା ନ କରନ୍ତି ସେଥିଲାଗି ନଜର ରଖିବାକୁ ଡିସିପି ଉମାଶଙ୍କର ଦାଶ ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଶନିବାର ଶଟ୍‌ଡାଉନ୍ ଥିବାରୁ ଏହାକୁ ମଧ୍ୟ କଡାକଡି ପାଳନ କରିବାକୁ କୁହାଯାଇଛି। ଯେଭଳି କେହି ଅମାନିଆ ବାହାରକୁ ବାହାରି ବୁଲାବୁଲି ନ କରନ୍ତି ସେଥିଲାଗି କଡା ପଦେକ୍ଷପ ନେବାକୁ କୁହାଯାଇଛି। ସବୁଠୁ ବଡ଼ କଥା ହେଲା ଗଳି କନ୍ଦିରେ ପ୍ରତିବର୍ଷ ଗଣେଶ ପୂଜା ହୋଇଥାଏ। ତେଣୁ ଏଥର ଅନେକ ଅମାନିଆ ମ୍ୟୁଜିକ୍ ବଜାଇ ପୂଜା କରିପାରନ୍ତି। ତେଣୁ ଏମାନଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ ଗଳି କନ୍ଦିରେ ପିସିଆର ଭ୍ୟାନ୍ ବୁଲିବ। ଯଦି କେହି ନିର୍ଦ୍ଦେଶ ନ ମାନି ବାହାରେ ଗଣେଶ ପୂଜା କରନ୍ତି କିମ୍ବା ବାହାରେ ମ୍ୟୁଜିକ୍ ବଜାଉଥିବା ଜଣାପଡିବ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବ। ଏପରିକି ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରାଯିବ ବୋଲି ଡିସିପି ଉମାଶଙ୍କର ଦାଶ କହିଛନ୍ତି।



ସେ ଆହୁରି ମଧ୍ୟ କହିଛନ୍ତି, ରାଜଧାନୀର ସମସ୍ତ ପୂଜା ମଣ୍ଡପ ଓ କ୍ଲବଗୁଡିକୁ ପୋଲିସ ପକ୍ଷରୁ ଏନେଇ ଜଣାଇ ଦିଆଯାଇଛି। ସେମାନେ ପୋଲିସ ନିୟମକୁ ମାନି ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଯଦି କେହି ପ୍ରଶାସନର ନିୟମ ଉର୍ଦ୍ଧ୍ୱକୁ ଯାଇ ପୂଜା କରନ୍ତି ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସାଧାରଣ ଲୋକ, ମଣ୍ଡପ ଓ କ୍ଲବ୍ କର୍ମକର୍ତ୍ତାମାନେ ସହଯୋଗ କରିବାକୁ ଡିସିପି ନିବେଦନ କରିଛନ୍ତି।

